

## ନାରିନ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ

କୋଲକାତା ନାଇଟ୍ ରାଇଡର୍ସର ସୁନୀଲ ନାରିନ୍ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ୩୯ ବଲ୍‌ରୁ ୮୫ ରନ୍ ସ୍କୋର କରିଛନ୍ତି।

୧୨

୧୩

## 'ଇନ୍ଦ୍ର'ରୁ ଅନୁପ୍ରାଣିତ ହୋଇଥିଲେ ଅଲ୍ଲୁ

ଚିରଞ୍ଜୀବଙ୍କ ଅଭିନୀତ ଫିଲ୍ମ 'ଇନ୍ଦ୍ର'ରୁ ଅନୁପ୍ରାଣିତ ହୋଇଛନ୍ତି ଲୋକପ୍ରିୟ ଅଭିନେତା ଅଲ୍ଲୁ ଅର୍ଜୁନ । ଏହି ଫିଲ୍ମକୁ ସେ ୧୫ ଥର ଦେଖିଛନ୍ତି।





ତାଇୱାନରେ ବୁଧବାର ହୋଇଥିବା ଭୂକମ୍ପରେ ହୁଆଲିଏନ୍ ସ୍ଥିତ ଏକ ବହୁତଳବିଶିଷ୍ଟ କୋଠା ଢଳି ପଡ଼ିଛି। (ରିପୋର୍ଟ ଓ ଅଧିକ ଫଟୋ: ପୃଷ୍ଠା-୧୦)

# 'ରାଜନୈତିକ ସ୍ୱାର୍ଥ ପାଇଁ ଗିରଫଦାରି'

## ହାଇକୋର୍ଟରେ କେଜ୍‌ରିୱାଲଙ୍କ ରାୟ ସଂରକ୍ଷିତ



ଅରବିନ୍ଦ କେଜ୍‌ରିୱାଲ

**ନୂଆଦିଲ୍ଲୀ,୩।୪**

ଅବକାରୀ ନୀତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଗିରଫ ହୋଇ ତିହାର ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କେନ୍ଦ୍ରୀୟ ଏଜେନ୍ସିର ଏହି କାର୍ଯ୍ୟାନୁଷ୍ଠାନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମା ବୁଧବାର ତାଙ୍କ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ମାର୍ଚ୍ଚ ୨୧ରେ ଇଡି ଦ୍ୱାରା ଗିରଫ ହୋଇଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ କେଜ୍‌ରିୱାଲ ନିଜ ଗିରଫଦାରିର ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କେଜ୍‌ରିୱାଲଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭୀଙ୍କ ଅଦାଲତରେ କହିଥିଲେ, ତାଙ୍କ ମହକିଲଙ୍କ ଗିରଫଦାରି ଭାରତୀୟ ସମ୍ବିଧାନ ମୌଳିକ ଢାଞ୍ଚାର ପରିପନ୍ଥୀ। ଏପରି କି ଇଡିର ଏହି କାର୍ଯ୍ୟାନୁଷ୍ଠାନ ଯୋଗୁ ସୁସ୍ଥ ବାତାବରଣରେ ମୁକ୍ତ ଓ ନିରପେକ୍ଷ ନିର୍ବାଚନ କରାଇବା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଦିଲ୍ଲୀରେ ଭାଜପା ବିରୋଧରେ କେଜ୍‌ରିୱାଲ ସବୁ ବଡ଼ ଚ୍ୟାଲେଞ୍ଜର ଭାବେ ଉଭା ହୋଇଛନ୍ତି। ରାଜନୈତିକ ସ୍ୱାର୍ଥ ପାଇଁ କେଜ୍‌ରିୱାଲଙ୍କୁ ବିନା ପ୍ରମାଣରେ ଗିରଫ କରାଯାଇଛି। ଅନ୍ୟପକ୍ଷେ ଇଡି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କେଜ୍‌ରିୱାଲଙ୍କ ଆବେଦନକୁ ବିରୋଧ କରି କହିଥିଲେ, ମନି ଲଣ୍ଡରିଂ ଅପରାଧ ଏହି ମାମଲାର ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ଆବେଦନକାରୀଙ୍କ ବିରୋଧରେ ☞ପୃଷ୍ଠା-୨

# ୭ ବିଧାୟକଙ୍କ ଟିକେଟ କାଟିଲା ବିଜେଡି

## ୫ ଲୋକ ସଭା, ୨୭ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା

- ୪ ବିଧାୟିକାଙ୍କ ସମେତ ୭ ମହିଳାଙ୍କୁ ଟିକେଟ୍
- ପୁଅ, ସ୍ତ୍ରୀଙ୍କୁ ସୁଯୋଗ
- ୫ରୁ ୪ ନୂଆ ଲୋକ ସଭା ପ୍ରାର୍ଥୀ

**ଲୋକ ସଭା ପ୍ରାର୍ଥୀ**

| | |
|---|---|
| ବଲାଙ୍ଗୀର | ସୁରେନ୍ଦ୍ର ସିଂ ଭୋଇ |
| ଭଦ୍ରକ | ମଞ୍ଜୁଲତା ମଣ୍ଡଳ |
| ବରଗଡ଼ | ପରିଣୀତା ମିଶ୍ର |
| ବ୍ରହ୍ମପୁର | ଭୃଗୁ ବକ୍ସିପାତ୍ର |
| କେନ୍ଦୁଝର | ଧନୁର୍ଜୟ ସିଦ୍ଧୁ |

**ଭୁବନେଶ୍ୱର,୩।୪(ଅନିଲ ଦାସ)**

ଆସନ୍ତା ନିର୍ବାଚନ ପାଇଁ ବିଜେଡି ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ଏବଂ ତୃତୀୟ ପର୍ଯ୍ୟାୟ ଲୋକ ସଭା ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ବିଜେଡି ସଭାପତି ତଥା ନବୀନ ପଟ୍ଟନାୟକ ବୁଧବାର ଭିଡିଓ ବାର୍ତ୍ତା ଦେଇ ନାଁ ଘୋଷଣା କରିଛନ୍ତି। ଦଳ ଏଥର ଅଧିକାଂଶ ସ୍ଥାନରେ ବିଧାୟକମାନଙ୍କୁ ପୁଣିଥରେ ଟିକେଟ ଦେଇଛି। ତେବେ ୭ ଜଣ ବିଧାୟକଙ୍କ ଟିକେଟ କଟିଛି। ସେମାନେ ହେଲେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ମୋରଡ଼ା ବିଧାୟକ ରାଜକିଶୋର ଦାସ, ପଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ସୋର ବିଧାୟକ ପର୍ଶୁରାମ ଧଡ଼ା, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ଏବଂ ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ। ହେଲେ ପ୍ରତାପ ଜେନାଙ୍କ ପୁଅ ଅଙ୍କିତ୍ ପ୍ରତାପ ଜେନା ଏବଂ ରାଜ କିଶୋରଙ୍କ ସ୍ତ୍ରୀ ପ୍ରୀତିନନ୍ଦା କାନୁନ୍‌ଗୋଙ୍କୁ ବିଜେଡି ଟିକେଟ୍ ଦେଇଛି। ୨ ପର୍ଯ୍ୟାୟରେ ମୋଟ ୯୯ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିବାବେଳେ ଆହୁରି ୪୮ ଆସନ ବାକି ରହିଛି।

ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକାରେ ବିଜେଡି ୭ ମହିଳାଙ୍କୁ ପ୍ରାର୍ଥୀ କରିଥିବାବେଳେ ସେଥିରେ ୪ ଜଣ ବିଧାୟିକା ରହିଛନ୍ତି। ୭ ମହିଳା ପ୍ରାର୍ଥୀ ହେଲେ ବ୍ରଜରାଜନଗରରୁ ଅଳକା ମହାନ୍ତି, ଝାରସୁଗୁଡ଼ାରୁ ଦୀପାଳି ଦାସ, ବଡ଼ସାହିରୁ ଅନସୂୟା ପାତ୍ର, ମୋରଡ଼ାରୁ ପ୍ରୀତିନନ୍ଦା କାନୁନ୍‌ଗୋ, ଫୁଲବାଣୀରୁ ଜୟଶ୍ରୀ କହଁର, ଖଲ୍ଲିକୋଟରୁ ସୂର୍ଯ୍ୟମଣି ବୈଦ୍ୟ ଓ ଆସ୍କାରୁ ମଞ୍ଜୁଲା ସ୍ୱାଇଁଙ୍କୁ ବିଜେଡି ପୁଣି ଥରେ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ସେହିପରି ଅନସୂୟା, ଜୟଶ୍ରୀ, ପ୍ରୀତିନନ୍ଦା, ଅଙ୍କିତ୍ ପ୍ରତାପ ଜେନାଙ୍କ ସମେତ ୯ ପ୍ରାର୍ଥୀଙ୍କୁ ପ୍ରଥମଥର ପାଇଁ ଟିକେଟ ଦିଆଯାଇଛି। ଅନ୍ୟ ନୂଆ ପ୍ରାର୍ଥୀମାନେ ହେଲେ ତିର୍ତ୍ତୋଲରୁ ରମାକାନ୍ତ ଭୋଇ, ପାରଳାଖେମୁଣ୍ଡିରୁ ରୂପେଶ ପାଣିଗ୍ରାହୀ, ରାଜଗାଙ୍ଗପୁରରୁ ଅନିଲ ବରୁଆ, ଯଶୀପୁରରୁ ଚକ୍ରଧର ହେମ୍ବ୍ରମ ଓ ସୋରରୁ ମାଧବ ଧଡ଼ା।

ଗତ ନିର୍ବାଚନରେ ସୁନ୍ଦରଗଡ଼ରୁ ପରାଜିତ ପ୍ରାର୍ଥୀ ଯୋଗେଶ ସିଂହଙ୍କୁ ବିଜେଡି ପୁଣି ପ୍ରାର୍ଥୀ କରିଥିବା ବେଳେ ବଣାଇଁରୁ ଭୀମସେନ ଚୌଧୁରୀ, ଉଦଳାରୁ ଶ୍ରୀନାଥ ସୋରେନ, ବାରିପଦାରୁ ସାନନ୍ଦ ମାରାଣ୍ଡି, ତଳସରାରୁ ବିନୟ କୁମାର ଟପ୍ପୋ, ଆଠମଲ୍ଲିକରୁ ନଳିନୀକାନ୍ତ ପ୍ରଧାନ, ବୀରମହାରାଜପୁରରୁ ପଦ୍ମନାଭ ବେହେରା, ☞ପୃଷ୍ଠା-୨

ବିଜେଡିର ବିଧାନସଭା ପ୍ରାର୍ଥୀ ତାଲିକା: ପୃଷ୍ଠା-୩

# ଝିଅଙ୍କ ପାଠପଢ଼ାରେ କେନ୍ଦ୍ର କଣ୍ଟା

## କେନ୍ଦ୍ରୀୟ ବିଦ୍ୟାଳୟରୁ ହଟିଲା ଏକକ କନ୍ୟା ସନ୍ତାନ ନାମଲେଖା ବ୍ୟବସ୍ଥା

**ଭୁବନେଶ୍ୱର,୩।୪(ଅନିଲ ଦାସ)**

'ବେଟି ବଚାଓ, ବେଟି ପଢ଼ାଓ' ସ୍ଲୋଗାନ ଦେଉଥିବା କେନ୍ଦ୍ର ସରକାର ଝିଅଙ୍କ ପାଠପଢ଼ାରେ କଣ୍ଟା ସାଜିଛନ୍ତି। ଏକକ କନ୍ୟାସନ୍ତାନଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ବିଦ୍ୟାଳୟରେ ଆଉ ନାମଲେଖା ପାଇଁ ସ୍ୱତନ୍ତ୍ର ସୁବିଧା ମିଳିବ ନାହିଁ। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଜାରି କରାଯାଇଥିବା ନାମଲେଖା ଗାଇଡ୍‌ଲାଇନରେ ଏକକ କନ୍ୟା ସନ୍ତାନ ସଂରକ୍ଷଣ ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପ ଶିକ୍ଷାବିତ୍‌ଙ୍କୁ ଚକିତ କରିଛି। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯେଉଁ ଅଭିଭାବକଙ୍କର ଗୋଟିଏ କନ୍ୟାସନ୍ତାନ ଅଛନ୍ତି, ଦେଶର ଯେକୌଣସି କେନ୍ଦ୍ରୀୟ ବିଦ୍ୟାଳୟରେ ସେମାନଙ୍କ ପାଠପଢ଼ା ପାଇଁ ପୂର୍ବରୁ ୩% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଥିଲା। ଝିଅମାନଙ୍କ ସାକ୍ଷରତା ହାର ବଢ଼ାଇବା ଦିଗରେ ଏହା ଏକ ଉତ୍ତମ ପଦକ୍ଷେପ ଭାବେ ବିବେଚିତ ହେଉଥିଲା। ୨୦୨୩-୨୪ ଶିକ୍ଷାବର୍ଷରେ ମଧ୍ୟ ଉକ୍ତ ବ୍ୟବସ୍ଥା ପ୍ରଚଳିତ ଥିଲା। ଏହି ସୁବିଧା ବଳରେ ଝିଅମାନଙ୍କୁ ମାଗଣାରେ ପାଠ ପଢ଼ିବାର ସୁଯୋଗ ମିଳୁଥିଲା। ଶିକ୍ଷା ଅଧିକାର ଆଇନ ବଳରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ଭଳି ଏକକ କନ୍ୟା ସନ୍ତାନ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ଲାଗି ବହୁ ଦିନରୁ ସଂରକ୍ଷଣ ବ୍ୟବସ୍ଥା ଥିଲା। ଚଳିତ ବର୍ଷ ଏପ୍ରିଲ ପହିଲାରୁ କେନ୍ଦ୍ରୀୟ ବିଦ୍ୟାଳୟରେ ଅନ୍‌ଲାଇନ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଏକକ କନ୍ୟା ସନ୍ତାନଙ୍କ ନାମଲେଖା ପାଇଁ ଥିବା ସ୍ୱତନ୍ତ୍ର ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଥିବାରୁ ଅଭିଭାବକମାନେ ନିଜ ପିଲାଙ୍କ ନାମଲେଖାଇ ନ ପାରି ନିରାଶ ହୋଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ରିଜିଅନ୍‌ର ନୋଡାଲ ଅଫିସର(ଆଡ୍‌ମିଶନ) ଅନିଲ କୁମାରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆମେ କିଛି କରିପାରିବୁ ନାହିଁ। ଏହା କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ନିଷ୍ପତ୍ତି। ନୂଆଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଯାଜପୁରର ଜଣେ ଅଭିଭାବକ ମନୋଜ କୁମାର ଜେନା କହିଛନ୍ତି, ସିଙ୍ଗଲ୍ ଗାର୍ଲ ଚାଇଲ୍ଡ ସଂରକ୍ଷଣ ବ୍ୟବସ୍ଥାରେ ସେ ତାଙ୍କ ଝିଅକୁ ପାଠ ପଢ଼ାଇବାକୁ ଇଚ୍ଛାପ୍ରକାଶ କରିଥିଲେ। ହେଲେ ଚଳିତଥର କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଏହି ବ୍ୟବସ୍ଥାକୁ ହଟାଇ ଦେଇଛି। ସରକାର 'ବେଟି ବଚାଓ, ବେଟି ପଢ଼ାଓ' ନାରା ଦେଉଛନ୍ତି। କିନ୍ତୁ ଏଠାରେ ବେଟିଙ୍କ ପ୍ରତି କେନ୍ଦ୍ରର ଅବହେଳା ସ୍ପଷ୍ଟ ବାରିହୋଇ ପଡୁଛି। ସରକାର ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ଦରକାର ବୋଲି ମନୋଜ ଦାବି କରିଛନ୍ତି। ସେହିପରି ଭୁବନେଶ୍ୱରର ଜଣେ ଅଭିଭାବକ ଅଶୋକ କୁମାର ନାୟକ କହିଛନ୍ତି, ଆମେ ସାଧାରଣ ବର୍ଗର ଲୋକ। ପାଠପଢ଼ା ଖର୍ଚ୍ଚରୁ ରକ୍ଷା ପାଇବା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ସିଙ୍ଗଲ୍ ଗାର୍ଲ ଚାଇଲ୍ଡ ସଂରକ୍ଷଣ ବ୍ୟବସ୍ଥାର ସାହାରା ନେଉଥିଲୁ। ଏଥିରେ ଆମ ପିଲା ଉପକୃତ ହେବେ ବୋଲି ଆଶାବାଦୀ ଥିଲୁ। କିନ୍ତୁ ଚଳିତଥର କେନ୍ଦ୍ର ସରକାର ଏହାକୁ ହଟାଇ ଦେଇଥିବାରୁ ଆମ ପିଲା ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ସରକାର ଏହାର ପୁନର୍ବିଚାର କରିବା ଦରକାର। ନଚେତ୍ କେନ୍ଦ୍ର ସରକାର ସିଙ୍ଗଲ୍ ଗାର୍ଲ ଚାଇଲ୍ଡଙ୍କୁ ଅଣଦେଖା କରୁଛନ୍ତି ବୋଲି ଏଥିରୁ ସ୍ପଷ୍ଟ ଜଣାପଡ଼ିବ। ଭୁବନେଶ୍ୱରର ଅନ୍ୟଜଣେ ଅଭିଭାବକ ଦୀପ୍ତିରେଖା ବେହୁରା କହିଛନ୍ତି, ସେ ତାଙ୍କ ଝିଅକୁ କେନ୍ଦ୍ରୀୟ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ବହୁ ଆଶା କରିଥିଲେ। କେବେ ଅନ୍‌ଲାଇନ ଆବେଦନ କରାଯିବ ତାହାକୁ ଅପେକ୍ଷା କରିଥିଲେ। ଏବେ ତାଙ୍କ ଆଶା ମଉଳିଯାଇଛି। ଏହି ନିଷ୍ପତ୍ତିର ପୁନର୍ବିଚାର କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ମିଳିଲାନି ଟିକେଟ: ବିଜେଡି ଛାଡ଼ିଲେ ପର୍ଶୁରାମ, ଦେବେନ୍ଦ୍ର



ପର୍ଶୁରାମ ଧଡ଼ା



ଦେବେନ୍ଦ୍ର କହଁର

**ସୋର/ଫୁଲବାଣୀ, ୩।୪(ଜନ୍ମେଜୟ ମିଶ୍ର/ ରାକେଶ କୁମାର ରାଉତ)**

ବିଜେଡି ବୁଧବାର ୨୭ ବିଧାନସଭା ଆସନ ଲାଗି ତା'ର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ତେବେ ଟିକେଟ ନ ମିଳିବାରୁ ସୋର ବିଧାୟକ ପର୍ଶୁରାମ ଧଡ଼ା ଓ ଫୁଲବାଣୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ବିଜେଡିରୁ ଇସ୍ତଫା ଦେଇଛନ୍ତି। ବାଲେଶ୍ୱର ଜିଲା ସୋର ବିଧାନସଭା ଆସନ ପାଇଁ ବିଜେଡି ସୋର ମ୍ୟୁନିସିପାଲିଟି ଅଧ୍ୟକ୍ଷ ମାଧବ ଧଡ଼ାଙ୍କୁ ଟିକେଟ ଦେଇଛି। ତେଣୁ ପର୍ଶୁରାମ ତାଙ୍କର ଇସ୍ତଫାପତ୍ରକୁ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଭାରତରେ ଜ୍ଞାନର କ୍ରମବିକାଶ

# ଆଇଫୋନ୍‌ରେ 'ହାଇରିସ୍କ'

## ୟୁଜର୍ସଙ୍କ ପାଇଁ ସତର୍କତା ଜାରିକଲା କେନ୍ଦ୍ର

**ନୂଆଦିଲ୍ଲୀ,୩।୪**

ଆପଲ୍‌ର ଆଇଫୋନ୍, ମ୍ୟାକ୍‌ବୁକ୍ସ ଏବଂ ଭିଜନ୍ ପ୍ରୋ ହେଡ୍‌ସେଟ୍‌ରେ ବଡ଼ ବିପଦ ରହିଥିବା ଦର୍ଶାଇ ବୁଧବାର କେନ୍ଦ୍ର ସରକାର ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା ଜାରି କରିଛନ୍ତି। ଇଣ୍ଡିଆନ୍ କମ୍ପ୍ୟୁଟର ଏମର୍ଜେନ୍ସି ରେସ୍‌ପନ୍ସ ଟିମ୍ (ସିଇଆର୍‌ଟି-ଇନ୍) ପକ୍ଷରୁ ଜାରି ଏହି 'ହାଇରିସ୍କ' ୱାର୍ନିଂରେ 'ରିମୋଟ୍ କୋଡ୍ ଏକ୍ସିକ୍ୟୁଶନ୍' ସମ୍ପର୍କିତ ଏକ ଗମ୍ଭୀର ବିପଦ ସମ୍ପର୍କରେ ରେଖାଙ୍କିତ କରାଯାଇଛି। ଆପଲ୍ କମ୍ପାନୀର ବିଭିନ୍ନ ଉପକରଣରେ ଏହି ସମସ୍ୟା ଚିହ୍ନଟ ହୋଇଛି। ଏହା ୧୭.୪.୧ ପୂର୍ବର ଆପଲ୍ ସଫାରି ଭର୍ସନ୍ସ, ୧୩.୬.୬ ପୂର୍ବର ଆପଲ୍ ମ୍ୟାକ୍‌ଓଏସ୍ ଭେଞ୍ଚୁରା ଭର୍ସନ୍ସ ଭଳି ଅନେକ ବର୍ଗର ଆପଲ୍ ସଫ୍ଟୱେର ଓ ହାର୍ଡୱେରକୁ ପ୍ରଭାବିତ କରିପାରେ। ଏହା ଜରିଆରେ ଟାର୍ଗେଟ କରାଯାଉଥିବା ସିଷ୍ଟମ୍‌ଗୁଡ଼ିକର ଆର୍ବିଟେରି କୋଡ୍‌କୁ ହ୍ୟାକରମାନେ ହାତେଇପାରିବେ। ଫଳରେ ୟୁଜର୍ସଙ୍କ ପ୍ରିଭେସି ସହ ସାଲିସ ହୋଇପାରେ ବୋଲି ଆଡ୍‌ଭାଇଜରିରେ ଉଲ୍ଲେଖ କରାଯାଇଛି। ରିସ୍କ କମ୍ପ୍ରୋମାଇଜ୍‌କୁ ଏଡାଇବା ପାଇଁ ☞ପୃଷ୍ଠା-୨

# ପ୍ରେମିକାଙ୍କୁ ଖୁସି କରିବାକୁ ଚୋରି

## ବାଇକ୍ ଚୋରି ର୍ୟାକେଟ୍: ୩ ଇଞ୍ଜିନିୟରିଂ ଛାତ୍ର ଗିରଫ

**କେନ୍ଦୁଝର,୩।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସହରର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି ଘଟଣାରେ ଟାଉନ ଥାନା ପୋଲିସ ଏକ ର୍ୟାକେଟ୍‌କୁ ଠାବ କରିଛି। ମଙ୍ଗଳବାର ୩ ଇଞ୍ଜିନିୟରିଂ ଛାତ୍ରଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟେ ବାଇକ୍ ଓ ମୋବାଇଲ ଜବତ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ଚକ୍ରଧରପୁର ଅଞ୍ଚଳର ଶିବନନ୍ଦନ ପ୍ରଧାନ, ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମି ଅଞ୍ଚଳର ଜୟ କୁମାର ଦାସ, କେନ୍ଦୁଝର ଯୋଡ଼ା ଅଞ୍ଚଳର ନିଲେସ ସୁରେନ। ସମସ୍ତଙ୍କ ବୟସ ୧୯ ରୁ ୨୧ ବର୍ଷ ମଧ୍ୟରେ ହେବ ବୋଲି ସୂଚନା ମିଳିଛି। ସେମାନେ କେନ୍ଦୁଝର ସଦର ବ୍ଲକ୍ ଡିମ୍ବୋସ୍ଥିତ ଏକ ଘରୋଇ ଇଂଜିନିୟରିଂ ସ୍କୁଲର ଛାତ୍ର ଏବଂ ଘରୋଇ ଛାତ୍ରାବାସରେ ରହି ପଢୁଥିଲେ। ସେମାନେ ପ୍ରେମିକାଙ୍କୁ ଖୁସି କରିବା ପାଇଁ ଦାମୀ ଗାଡ଼ି ଚୋରି କରି ସଉକ କରୁଥିଲେ ବୋଲି ପୋଲିସ କହିଛି। ପୂର୍ବରୁ ଘଟଣାରେ ସମ୍ପୃକ୍ତ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ସମେତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

ସୂଚନା ମୁତାବକ, ୨୦୨୩ ଡିସେମ୍ବର ୨୬ ରାତିରେ ନରଣପୁରର ଯଶୋବନ୍ତ ବେହେରା ତାଙ୍କ ବାଇକ୍ ଚୋରି ନେଇ ଟାଉନ ଥାନାରେ ରିପୋର୍ଟ କରିଥିଲେ। ☞ପୃଷ୍ଠା-୨



ଜବତ ବାଇକ୍

SIKSHA 'O' ANUSANDHAN
SAAT-2024
Empowering students for a brighter future
CORE B.TECH PROGRAMMES
- Civil Engineering
- Electrical Engineering
- Mechinical Engineering
APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024
NIRF INDIA RANKINGS 2023
- 15th Best in University Category
- 27th Best in Engineering Category
To apply for admission through SAAT, Please visit: www.soa.ac.in




# ୩ ଆରଟିଆଇ କର୍ମୀଙ୍କ ନାଁରେ ମାମଲା

## କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସୁରକ୍ଷା ସମ୍ପର୍କିତ ମିଥ୍ୟା ତଥ୍ୟ ପ୍ରଘଟ ଅଭିଯୋଗ

ଭୁବନେଶ୍ୱର,୩।୪(ସତ୍ୟଜିତ୍ ରାଉତ)

ନବୀନ ଓଡ଼ିଶା ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସୁରକ୍ଷା ସମ୍ପର୍କିତ ମିଥ୍ୟା ତଥ୍ୟ ପ୍ରଘଟ ଅଭିଯୋଗକୁ କମିଶନରେଟ୍ ପୋଲିସ ଗୁରୁତ୍ୱର ସହ ନେଇଛି। ପାଣ୍ଡିଆନ୍‌ଙ୍କ ସୁରକ୍ଷାରେ ୭୪ ପୋଲିସ ନିୟୋଜିତ ହୋଇଥିବା ନେଇ ସୂଚନା ଅଧିକାରୀ ଆଇନ ବଳରେ କମିଶନରେଟ୍ ପୋଲିସର ରିଜର୍ଭ ପୋଲିସ ଅଫିସ୍ ପକ୍ଷରୁ ଚିଠି ଦ୍ୱାରା ତଥ୍ୟ ମିଳିଥିବା ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ କୁହାଯାଇଥିଲା। ତେବେ କମିଶନରେଟ୍ ପୋଲିସ ପକ୍ଷରୁ ଏହାକୁ ମିଛ ଚିଠି ବୋଲି ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ରିଜର୍ଭ ଇନ୍ସପେକ୍ଟର ଭଗବାନ ପାଣିଗ୍ରାହୀ ଶହୀଦନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଉକ୍ତ ଏତଲାକୁ ଆଧାର କରି ଆଇପିସି ଦଫା ୪୧୯, ୪୨୦, ୪୬୫, ୪୬୮, ୪୬୯, ୪୭୧, ୫୦୫, ୩୪ ସହ ୬୬ଡି ଆଇଟି ଆକ୍ଟରେ ଏକ ମାମଲା (ନଂ.୧୯୩/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ମାମଲାରେ ପୋଲିସ ୩ଜଣ ସୂଚନା ଅଧିକାର କର୍ମୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ସେମାନେ ହେଲେ ପ୍ରଦୀପ ପ୍ରଧାନ, ପ୍ରକାଶ ଚନ୍ଦ୍ର ଦାସ ଓ ଶ୍ରୀକାନ୍ତ ପାକଳ। ତେବେ ଏହି ମାମଲାରେ ଅଧିକ ତଦନ୍ତ କରାଯାଉଥିବା ନେଇ ଶହୀଦନଗର ଥାନାଧିକାରୀ ଅଶୋକ ନାୟକ ସୂଚନା ଦେଇଛନ୍ତି।

ଗତ ମାର୍ଚ୍ଚ ୨୯ରେ ଓସା ପକ୍ଷରୁ ଏହି ତଥ୍ୟ ସମ୍ବଳିତ ଚିଠି ସମ୍ବନ୍ଧରେ ଖବରଦାତା ସମ୍ମିଳନୀ କରି ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା। ରାଜ୍ୟ ରାଜକୋଷରୁ ଖର୍ଚ୍ଚ କରାଯାଇ ପାଣ୍ଡିଆନଙ୍କ ସୁରକ୍ଷାରେ ନିୟୋଜିତ ହୋଇଥିବା ପୋଲିସ କର୍ମୀଙ୍କୁ ପ୍ରତ୍ୟାହାର କରିବାକୁ ଓସା ଦାବି କରିଥିଲା। ଏହା ପରେ ଏହି ପ୍ରସଙ୍ଗରେ ଭାଜପା ପକ୍ଷରୁ ମଧ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଏନେଇ ଅଭିଯୋଗ କରାଯାଇଥିଲା। ତେବେ ଓସା ପକ୍ଷରୁ ଏହି ତଥ୍ୟ ଆର୍‌ଟିଆଇ ଆଇନ ବଳରେ ରିଜର୍ଭ ପୋଲିସ ଅଫିସରୁ ମିଳିଥିବା ନେଇ ଦାବି କରୁଥିବାବେଳେ କମିଶନରେଟ ପୋଲିସ ଏହାକୁ ମିଛ ଚିଠି କହି ଏତଲା ଦେବା ପରେ ଏବେ ଏହା ଏକ ଭିନ୍ନ ପ୍ରସଙ୍ଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବାରୁ ଆର୍‌ଟିଆଇ କର୍ମୀଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ କହିଛନ୍ତି, ଏହି ତଥ୍ୟ ସମ୍ବଳିତ ଚିଠି ଆମେ ତିଆରି କରିନାହୁଁ। ଏହି ଚିଠି ସରକାରୀ ଦସ୍ତାବିଜ୍‌ରୁ ଆମ ପାଖରୁ ଆସିଛି। ତେଣୁ ଏହି ଚିଠି କେଉଁଠି ପ୍ରସ୍ତୁତ ହୋଇଛି ତାହାର ଫୋରେନ୍‌ସିକ୍ ଯାଞ୍ଚ ହେଉ ବୋଲି ସେ ଦାବି କରିଛନ୍ତି।

## ବିଧାନସଭା ପ୍ରାର୍ଥୀ ତାଲିକା

| | |
|---|---|
| ବଣାଇଁ | ଭୀମସେନ ଚୌଧୁରୀ |
| ବାରିପଦା | ସାନନ୍ଦ ମାରାଣ୍ଡି |
| ବ୍ରଜରାଜନଗର | ଅଳକା ମହାନ୍ତି |
| ଝାରସୁଗୁଡ଼ା | ଦୀପାଳି ଦାସ |
| ତଳସରା | ବିନୟ ଟପ୍ପୋ |
| ସୁନ୍ଦରଗଡ଼ | ଯୋଗେଶ ସିଂହ |
| ରାଜଗାଙ୍ଗପୁର | ଅନିଲ ବାର୍ଲା |
| ଯଶୀପୁର | ଚକ୍ରଧର ହେମ୍ବ୍ରମ୍ |
| ଉଦଳା | ଶ୍ରୀନାଥ ସୋରେନ |
| ବଡ଼ସାହି | ଅନସୂୟା ପାତ୍ର |
| ମୋରଡ଼ା | ପ୍ରୀତିନନ୍ଦା କାନୁନ୍‌ଗୋ |
| ସୋର | ମାଧବ ଧଡ଼ା |
| ଆଠମଲ୍ଲିକ | ନଳିନୀ ପ୍ରଧାନ |
| ବୀରମହାରାଜପୁର | ପଦ୍ମନାଭ ବେହେରା |
| ଖଡ଼ିଆଳ | ଅଧିରାଜ ପାଣିଗ୍ରାହୀ |
| ଫୁଲବାଣୀ | ଜୟଶ୍ରୀ କହଁର |
| ମାହାଙ୍ଗା | ଅଙ୍କିତ ପ୍ରତାପ ଜେନା |
| ତିର୍ତ୍ତୋଲ | ରମାକାନ୍ତ ଭୋଇ |
| ଜଗତ୍‌ସିଂହପୁର | ପ୍ରଶାନ୍ତ ମୁଦୁଲି |
| ଭୁବନେଶ୍ୱର ଉତ୍ତର | ସୁଶାନ୍ତ ରାଉତ |
| ଭୁବନେଶ୍ୱର ଏକାମ୍ର | ଅଶୋକ ଚନ୍ଦ୍ର ପଣ୍ଡା |
| ଖଲ୍ଲିକୋଟ | ସୂର୍ଯ୍ୟମଣି ବୈଦ୍ୟ |
| ଆସିକା | ମଞ୍ଜୁଳା ସ୍ୱାଇଁ |
| ବ୍ରହ୍ମପୁର | ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ |
| ପାରଳାଖେମୁଣ୍ଡି | ରୂପେଶ ପାଣିଗ୍ରାହୀ |
| ମୋହନା | ଅନ୍ତର୍ଯ୍ୟାମୀ ଗମାଙ୍ଗୋ |
| ପଟ୍ଟାଙ୍ଗୀ | ପ୍ରଫୁଲ୍ଲ ପାଙ୍ଗୀ |

# ଜୟପୁର ଏୟାରପୋର୍ଟରୁ ୯ ଲକ୍ଷ ଜବତ



ଜୟପୁର, ୩।୪
(ପବନ ପାଣିଗ୍ରାହୀ)

ଜୟପୁର ଏୟାରପୋର୍ଟରୁ ବୁଧବାର ଫ୍ଲାଇଂ ସ୍କ୍ୱାଡ୍ ଜଣେ ଯାତ୍ରୀଙ୍କଠାରୁ ୯ ଲକ୍ଷ ଟଙ୍କା ଜବତ କରିଛି। ଜୟପୁର ପୌରନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଓ ବିଡିଓ ଶକ୍ତି ମହାପାତ୍ରଙ୍କ ଦ୍ୱାରା ଗଠିତ ସ୍କ୍ୱାଡ୍ ଏହି ଟଙ୍କା ଜବତ କରିଥିବା ଜଣାପଡ଼ିଛି। ଏହି ଟଙ୍କା ମାଲକାନଗିରିରୁ ଜ୍ୟୋତିର୍ବିଦ୍ ମନୋଜ ଲେଙ୍କା ଭୁବନେଶ୍ୱରକୁ ନେଉଥିଲେ। ତେବେ ଏହି ଟଙ୍କା ସେ ନିଜର ଫି' ବାବଦକୁ ମାଲକାନଗିରିର ଜଣେ ବ୍ୟବସାୟୀ ସନ୍ତୋଷ ମିଶ୍ରଙ୍କଠାରୁ ଆଣିଥିବା କହିଛନ୍ତି। ବ୍ୟବସାୟୀ ସନ୍ତୋଷ ମନୋଜଙ୍କୁ ଏୟାରପୋର୍ଟକୁ ଛାଡିବାକୁ ଆସିଥିବା ବେଳେ ସେ ମଧ୍ୟ ସ୍କ୍ୱାଡ୍ ହାତରେ ଧରାପଡିଥିଲେ। ଉଭୟଙ୍କୁ ପଚରାଉଚରା ପରେ ଫ୍ଲାଇଂ ସ୍କ୍ୱାଡ୍ ଛାଡ଼ି ଦେଇଥିବା ବେଳେ ଟଙ୍କା ଜବତ କରାଯାଇଛି। ଅପରାହ୍ନ ୩.୩୦ରେ ଭୁବନେଶ୍ୱର ଯାଉଥିବା ବିମାନରେ ଉଭୟେ ଭୁବନେଶ୍ୱର ଯାତ୍ରା କରିଥାନ୍ତେ। ତେବେ ଏହା ପୂର୍ବରୁ ସୂଚନାପାଇ ସ୍କ୍ୱାଡ୍ ଚଢାଉ କରିଥିଲା। ଜବତ ଟଙ୍କା ଏୟାରପୋର୍ଟରେ ଗଣତି କରାଯାଇଥିଲା। ଚଢାଉ ସମୟରେ ସେଲ୍‌ଟ୍ୟାକ୍ସର ସିଟି ଜିଏସ୍‌ଟି ଅଧିକାରୀ ଉପସ୍ଥିତ ଥିଲେ। ଜବତ ଟଙ୍କା ସମ୍ପର୍କରେ ତଦନ୍ତ ଚାଲିଛି। ଆଗକୁ ଯଦି ଯାତ୍ରୀ ଜଣକ ଏ ସମ୍ପର୍କିତ ଠିକ୍ କାଗଜପତ୍ର ଦାଖଲ କରନ୍ତି ତେବେ ପ୍ରଶାସନ ପଦକ୍ଷେପ ନେବ ବୋଲି ସ୍କ୍ୱାଡ୍ ପକ୍ଷରୁ କୁହାଯାଇଛି।

# ଏସ୍‌ସିବିରେ ପ୍ରଥମ ଲିଭର ପ୍ରତିରୋପଣ ସଫଳ



ଏସ୍‌ସିବିରେ ଲିଭର ପ୍ରତିରୋପଣ କରିଥିବା ଡାକ୍ତରୀ ଦଳ।

## ନୂଆ ଜୀବନ ପାଇଲେ ଟିଗିରିଆ ଅଞ୍ଚଳର ବ୍ୟକ୍ତି

କଟକ,୩।୪(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ପ୍ରଥମ ଥର ପାଇଁ ବୁଧବାର ଲିଭର(ଯକୃତ) ପ୍ରତିରୋପଣ କରି ଇତିହାସ ରଚିଛି। କଟକ ଜିଲା ଟିଗିରିଆ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଶରୀରରେ ଲିଭର ପ୍ରତିରୋପଣ କରାଯାଇଛି। ତାଙ୍କ ସ୍ତ୍ରୀ ଯକୃତ ଦାନ କରିଛନ୍ତି। ଏହି ପ୍ରତିରୋପଣରେ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି(ଏଆଇଜି)ର ୯ ଜଣିଆ ଡାକ୍ତରୀ ଟିମ୍ ସହ ଏସ୍‌ସିବି ମେଡିକାଲର ପ୍ରାୟ ୧୫ ଜଣ ଡାକ୍ତରୀ ଟିମ୍ ନିୟୋଜିତ ହୋଇଥିଲେ। ମେଡିକାଲର ଆଶୁ ଚିକିତ୍ସା କେନ୍ଦ୍ର ଚତୁର୍ଥ ମହଲାରେ ଥିବା ମଡ୍ୟୁଲାର ଓଟିରେ ଏହି ପ୍ରତିରୋପଣ କରାଯାଇଥିବା ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏସ୍‌ସିବିରେ ପ୍ରଥମ ଥର ସଫଳ ଭାବେ ଲିଭର ପ୍ରତିରୋପଣ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ଲିଭର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ତେଣୁ ସକାଳ ୮ଟାରେ ତାଙ୍କ ସ୍ତ୍ରୀଙ୍କୁ ଓଟିକୁ ନିଆଯାଇ ଶରୀରରୁ ଲିଭର କାଢ଼ିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରାୟ ୧୩ ଘଣ୍ଟା ଧରି ଅସ୍ତ୍ରୋପଚାର କରାଯାଇଥିଲା। ମହିଳାଙ୍କ ଶରୀରର ୩ ଭାଗରୁ ୨ ଭାଗ ଲିଭର କଢ଼ାଯାଇ ସ୍ୱାମୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି। ମହିଳାଙ୍କ ଲିଭର ୪/୫ ମାସ ମଧ୍ୟରେ ବୃଦ୍ଧି ପାଇବ ଏବଂ ସାଧାରଣ ମଣିଷଙ୍କ ଲିଭର ଭାବେ ଏହା କାମ କରିବ। ଅପରପକ୍ଷରେ ଲିଭର ପ୍ରତିରୋପଣ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀରରେ ଏହା ଠିକ୍ ଭାବେ କାର୍ଯ୍ୟ କରୁଛି। ବ୍ୟକ୍ତିଙ୍କ ଶରୀରରେ ଲିଭର ପ୍ରତିରୋପଣ ପରେ ଯେଉଁ ରକ୍ତନଳୀକୁ ଯୋଡ଼ା ଯାଇଛି, ସେଥିରେ ରକ୍ତ ଠିକ୍ ଭାବେ ପ୍ରବାହିତ ହେଉଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ଇଣ୍ଟ୍ରାଅପରେଟିଭ୍ ଅଲଟ୍ରାସାଉଣ୍ଡ କରାଯାଇଥିଲା ଏବଂ ପ୍ରବାହ ଠିକ୍ ରହିଥିଲା। କିଡ୍‌ନୀ ପ୍ରତିରୋପଣ ଅପେକ୍ଷା ଲିଭର ପ୍ରତିରୋପଣ ଜଟିଳ ରହିଥାଏ। ଏଥିରେ ଶରୀରର ହେପାଟିକ୍ ଭେନ୍, ହେପାଟିକ୍ ଆର୍ଟେରି, ପୋର୍ଟାଲ ଭେନ୍ ବାଇଲ୍‌ଡକ୍ଟକୁ ଯୋଡ଼ିବାକୁ ପଡ଼ିଥାଏ। ପ୍ରତିରୋପଣ ପରେ ଯେତେଦିନ ଆବଶ୍ୟକ ପଡ଼ିବ, ସେତେଦିନ ପର୍ଯ୍ୟନ୍ତ ଏଇଆଇଜି ଟିମ୍ ଏଠାରେ ଚିକିତ୍ସା ପାଇଁ ରହିବେ। କିଛିଦିନ ପର୍ଯ୍ୟନ୍ତ ଔଷଧ ଦିଆଯିବା ସହ ଅବ୍‌ଜରଭେସନରେ ଉଭୟଙ୍କୁ ରଖାଯିବ। ଉଭୟ ଦାତା ଓ ଗ୍ରହୀତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡା. ମିଶ୍ର କହିଛନ୍ତି।

ସୂଚନାଯୋଗ୍ୟ, ଏହି ଲିଭର ପ୍ରତିରୋପଣ ପାଇଁ ୨୫ରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ରାଜ୍ୟର ଏକ ନିର୍ଦ୍ଦିଷ୍ଟ ଘରୋଇ ହସ୍ପିଟାଲକୁ ବାଦ୍ ଦେଲେ କୋଲକାତା, ଚେନ୍ନାଇ, ବେଙ୍ଗାଲୁରୁ, ନୂଆଦିଲ୍ଲୀ, ଅହମ୍ମଦାବାଦ, ହାଇଦ୍ରାବାଦରେ ଏଭଳି ପ୍ରତିରୋପଣ କରାଯାଏ। ଓଡ଼ିଶାରେ ଏହି ୟୁନିଟ୍ ପ୍ରତିଷ୍ଠା କରିବାକୁ ୨୦୧୨ରେ ରାଜ୍ୟ ସରକାର ଯୋଜନା କରିଥିଲେ। ଏସ୍‌ସିବି ମେଡିକାଲରେ ଲିଭର ପ୍ରତିରୋପଣ ୟୁନିଟ୍ ଆରମ୍ଭ ପାଇଁ ୨୨କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ୧୨ କୋଟି ଯନ୍ତ୍ରପାତି କିଣିବା ଓ ୧୦ କୋଟି ଭିତ୍ତିଭୂମି ବିକାଶରେ ଖର୍ଚ୍ଚ ହୋଇଥିଲା। ଏଆଇଜି ଟିମ୍ ପୂର୍ବରୁ ବହୁ ଥର ଏସ୍‌ସିବି ଗସ୍ତରେ ଆସି ଏହାର ସ୍ଥିତି ଯାଞ୍ଚ କରିଥିଲା। ଗତ ଜାନୁଆରୀ ୫ ତାରିଖରେ ଟିମ୍ ଏସ୍‌ସିବି ଆସି ୭ ଜଣଙ୍କ ସ୍କ୍ରିନିଂ କରିଥିଲା। ସମସ୍ତ ରୋଗୀ ଲିଭର ପ୍ରତିରୋପଣ ପାଇଁ ଉପଯୋଗୀ ବୋଲି ଉକ୍ତ ଟିମ୍ ମେଡିକାଲକୁ ସୂଚିତ କରିଥିଲେ। ମଙ୍ଗଳବାର ଏଆଇଜି ଟିମ୍ ଏସ୍‌ସିବି ମେଡିକାଲ ଆସି ସ୍ଥିତି ଯାଞ୍ଚ କରିବା ସହିତ ଯକୃତ ଦାତା ଓ ଗ୍ରହୀତାଙ୍କ କ୍ରସ୍ ମ୍ୟାଚ୍ କରିଥିଲା।

# ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସି ଛାତ୍ର ଗୁରୁତର

## ମଧ୍ୟାହ୍ନଭୋଜନ ସମୟରେ ଅଘଟଣ

ମୋରଡ଼ା,୩।୪(ସ୍ମାରକ ମାଜୀ)

ମଧ୍ୟାହ୍ନଭୋଜନ ଖାଉଥିବା ସମୟରେ ବିଦ୍ୟାଳୟ ଛାତରୁ ପ୍ଲାଷ୍ଟର ଖସି ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ସାନମୁଣ୍ଡାବଣି ପଞ୍ଚାୟତ ସରାଶୋଳ ଗ୍ରାମ ଗାଲୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏଭଳି ଅଭାବନୀୟ ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୬ ଛାତ୍ରୀଛାତ୍ର ପଢୁଛନ୍ତି। ସକାଳ ୯ଟା ସମୟରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ବାରଣ୍ଡାରେ ମଧ୍ୟାହ୍ନଭୋଜନ ଖାଉଥିବା ସମୟରେ ହଠାତ୍ ଛାତରୁ ପ୍ଲାଷ୍ଟର ଖସି ପଡ଼ିଥିଲା। ଛାତ୍ରୀଛାତ୍ର ଭୟରେ ଦୌଡ଼ି ପଳାଇଥିଲେ ମଧ୍ୟ ତୃତୀୟ ଶ୍ରେଣୀରେ ପଢୁଥିବା ଗୋବିନ୍ଦ ହେମ୍ବ୍ରମଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ସହକାରୀ ଶିକ୍ଷକ ରାଙ୍ଗା ମୁର୍ମୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ମୋରଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡିଛି।

ଏହି ଘଟଣାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ନୂତନ ଏକ ଗୃହ ନିର୍ମାଣ ନ ହେବା ପର୍ଯ୍ୟନ୍ତ ପିଲାଙ୍କୁ ବିଦ୍ୟାଳୟକୁ ଛଡ଼ାଯିବ ନାହିଁ ବୋଲି କହିଛନ୍ତି। ଉକ୍ତ ଘଟଣା ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ, ଶିକ୍ଷା ବିଭାଗ ଦାୟୀ ବୋଲି ସ୍ଥାନୀୟ ୱାର୍ଡ ସଭ୍ୟ ବିଶ୍ୱନାଥ ମୁର୍ମୁ, ଅଭିଭାବକ ସୀତା ହେମ୍ବ୍ରମ, କିସୁନ ହାଁସଦା, କଟି ହେମ୍ବ୍ରମ, ନାରାୟଣ ହେମ୍ବ୍ରମ କହିଛନ୍ତି। ତେବେ ପୂର୍ବରୁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅସୁରକ୍ଷିତ ବିଦ୍ୟାଳୟ ବାବଦରେ ଲିଖିତ ଭାବେ ଅବଗତ କରାଯାଇଥିବା ନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବେହେରା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ମୋରଡ଼ା ବ୍ଲକ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମଙ୍କୁ ପଚାରିବାରୁ ଉକ୍ତ ବିଦ୍ୟାଳୟ ଗୃହ ପରିତ୍ୟକ୍ତ ଅବସ୍ଥାରେ ଥିବା କଥା ସେ ସ୍ୱୀକାର କରିଥିବା ବେଳେ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



ବିଦ୍ୟାଳୟ ଛାତରୁ ଖସି ପଡ଼ିଥିବା ପ୍ଲାଷ୍ଟର।

# ନୂଆ ଶିକ୍ଷାବର୍ଷ ପାଇଁ ନାମଲେଖା ଚାଲିଛି

ଭୁବନେଶ୍ୱର,୩।୪(ଅନୁରାଧା ମହାରଣା)

ରାଜ୍ୟର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟରେ ୨୦୨୪-୨୫ ନୂତନ ଶିକ୍ଷାବର୍ଷ ପାଇଁ ପାଠପଢ଼ା ଆରମ୍ଭ ହୋଇଛି। ନୂତନ ଶିକ୍ଷାବର୍ଷକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖିବାକୁ ମିଳିଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସକାଳୁଆ ବିଦ୍ୟାଳୟ ଆରମ୍ଭ ହୋଇଛି। ଅନ୍ୟପଟେ ନୂଆ ଭାବେ ଉପଯୁକ୍ତ ବୟସ ପାଇଁ ଉପଯୁକ୍ତ ଶ୍ରେଣୀରେ ପିଲାଙ୍କ ନାମଲେଖା ମଧ୍ୟ ଜାରି ରହିଛି। ଛାତ୍ରୀଛାତ୍ର ଉତ୍ସାହର ସହିତ ବିଦ୍ୟାଳୟରେ ନାମ ଲେଖାଉଛନ୍ତି। ଶିକ୍ଷା ବର୍ଷର ପ୍ରଥମ ଦିନରେ ସମସ୍ତ ଅଭିଭାବକଙ୍କୁ ନେଇ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବ ଶିକ୍ଷା ବର୍ଷ ୨୦୨୩-୨୪ରେ ହୋଇଥିବା ସମେଟିଭ୍ ଆସେସ୍‌ମେଣ୍ଟ-୨ରେ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନ ଏବଂ ଉପଲବ୍ଧିକୁ ଅଭିଭାବକଙ୍କ ସହିତ ଆଲୋଚନା କରାଯାଇଥିଲା। ନୂତନ ଶିକ୍ଷାବର୍ଷ ପାଇଁ ଛାତ୍ରଛାତ୍ରୀଙ୍କୁ ନୂଆ ପାଠ୍ୟ ପୁସ୍ତକ ମଧ୍ୟ ପ୍ରଦାନ କରାଯାଉଛି।

# ଆହୁରି ବଢ଼ିବ ତାତି

## ଅସ୍ତବ୍ୟସ୍ତ କରୁଛି ଖରା, ଗୁଳୁଗୁଳି

ଭୁବନେଶ୍ୱର,୩।୪(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ବୁଧବାର ରାଜ୍ୟର ୬ ସ୍ଥାନରେ ୪୧ ଡିଗ୍ରୀ ସେଲସିୟସ୍ କିମ୍ବା ତା'ଠାରୁ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ୪ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ୪୧ ଡିଗ୍ରୀ ମଧ୍ୟରେ ରହିଥିଲା। ତେବେ ବୌଦ୍ଧରେ ତାପମାତ୍ରା ୪୨ଡିଗ୍ରୀ ସେଲ୍‌ସିୟସ୍ ନିକଟବର୍ତ୍ତୀ ହୋଇଥିବାବେଳେ ଲୋକେ ଦିନ ତମାମ ଖରା ଓ ଗୁଳୁଗୁଳିରେ ଅତିଷ୍ଠ ହୋଇପଡ଼ିଥିଲେ। ୪୧.୮ ଡିଗ୍ରୀ ସେଲସିୟସ୍ ତାପମାତ୍ରା ସହ ଏହି ଜିଲା ରାଜ୍ୟର ସବୁଠୁ ଉତ୍ତପ୍ତ ରହିଥିଲା। ଏହା ପଛକୁ ମାଲକାନଗିରିରେ ତାପମାତ୍ରା ୪୧.୬ ଡିଗ୍ରୀ, ଟିଟିଲାଗଡ଼ ଓ ବଲାଙ୍ଗୀର ୪୧.୫ ଡିଗ୍ରୀ, ଅନୁଗୋଳ ୪୧.୩, ଭବାନୀପାଟଣା ୪୧, ଝାରସୁଗୁଡ଼ା ୪୦.୮, ନୟାଗଡ଼ ୪୦.୬ ଏବଂ ତାଳଚେର ଓ ସମ୍ବଲପୁରରେ ୪୦.୪ ଡିଗ୍ରୀ ରହିଥିଲା। ଆସନ୍ତା ୬ ତାରିଖ ଯାଏ ଉଷ୍ମ ଆର୍ଦ୍ର ପାଣିପାଗ, ଗ୍ରୀଷ୍ମ ପ୍ରବାହ ତଥା ଉଷ୍ମ ରାତି ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।



ଆଗାମୀ ୨ଦିନ ମଧ୍ୟରେ ରାଜ୍ୟର କିଛି କିଛି ସ୍ଥାନରେ ୨ରୁ ୩ ଡିଗ୍ରୀ ଯାଏ ତାପମାତ୍ରା ବୃଦ୍ଧି ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଗୁରୁବାର କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନବରଙ୍ଗପୁର ଆଦି ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲେ ମଧ୍ୟ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଗ୍ରୀଷ୍ମପ୍ରବାହ ଜାରି ରହିବ। ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ମାଲକାନଗିରି ଏବଂ କେନ୍ଦୁଝର ଆଦି ଜିଲାରେ ରାତି ତାପମାତ୍ରା ବଢ଼ିବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୭ ତାରିଖରୁ ରାଜ୍ୟର କେତେକ ଜିଲାରେ ଝଡ଼ବର୍ଷା ଆଶଙ୍କା ରହିଥିବାରୁ ତାପମାତ୍ରା କମିପାରେ ବୋଲି ଆଶଙ୍କା କରାଯାଇଛି।

# ଅନୁମୋଦନ ନା ଅନୁକମ୍ପା

## ଜଙ୍ଗଲ କାଟି ଖଣିଜ ପରିବହନ ଘଟଣା

ଯୋଡ଼ା,୩।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ତଥା ଚମ୍ପୁଆ ରେଞ୍ଜ ଅଧୀନରେ ଥିବା ଇଙ୍ଗାଣିଝରଣ ଖଣିରେ ବନାଞ୍ଚଳ ରାସ୍ତାରେ ଖଣିଜ ପରିବହନ ହେଉଛି। ଏ ନେଇ ଅଭିଯୋଗ ପରେ ବନ ବିଭାଗ ଉକ୍ତ ରାସ୍ତାକୁ ଖୋଳି ଦେଇଥିଲା। ମାତ୍ର କିଛି ଦିନ ପରେ ପୁଣି ଖାଲ ପୋତାଯାଇ ଖଣିଜ ପରିବହନ ହେଉଥିବା ଦେଖାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ୧୩ ନମ୍ବର ୱାର୍ଡ କାଉନ୍‌ସିଲର ଦୀପ୍ତିରଞ୍ଜନ ବେହେରା, ଖୁଣ୍ଟପାଣି ଅଞ୍ଚଳର ଚର୍ଚ୍ଚିଲ ମହାକୁଡ ତଥା ଗ୍ରାମବାସୀ ଲିଖିତ ଭାବେ ବନ ବିଭାଗକୁ ଅବଗତ କରିଥିବା ପ୍ରକାଶ କରିଛନ୍ତି। ଫରେଷ୍ଟ ରାଇଟ ଆକ୍ଟ (ଏଫ୍‌ଆରଏ)ଅନୁଯାୟୀ, ଗ୍ରାମସଭା କରା ନ ଯାଇ ଏହାକୁ ବିଧିବଦ୍ଧ ଭାବେ ଖଣିଜ ପରିବହନ ପାଇଁ କିପରି ଅନୁମତି ଦିଆ ଯାଇଛି, ଏହାର ତଦନ୍ତ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ସମ୍ପୃକ୍ତ ଖଣି କମ୍ପାନୀ ଜଙ୍ଗଲ ଜମିରୁ ଗଛ କାଟି ରାସ୍ତା ନିର୍ମାଣ କରିଥିବା ଅଭିଯୋଗ ହୋଇଥିଲା। ମାର୍ଚ୍ଚ ୧୫ ତାରିଖରେ ବନାଞ୍ଚଳରେ ଥିବା ରାସ୍ତାଟିକୁ ଯୋଡ଼ା ବନପାଳ ଖୋଳି ଦେଇ ପରିବହନ ବନ୍ଦ କରିଥିଲା। ତେବେ ପୁଣି କିଛି ଦିନ ବ୍ୟବଧାନରେ ଖାଲ ପୋତାଯାଇ ଉକ୍ତ ରାସ୍ତା ଦେଇ ଖଣିଜ ପରିବହନ ଆରମ୍ଭ ହୋଇଥିଲା। ହସ୍ତଗତ ହୋଇଥିବା କେନ୍ଦୁଝର ଡିଏଫ୍‌ଓଙ୍କ ଚିଠି (ସଂଖ୍ୟା ୨୪୦୫/୬ ଏଫ - ମାଇନିଂ -୫୩/୨୦୦୪/୧୯ ମାର୍ଚ୍ଚ ୨୦୨୪)ରେ ବି.ସି ଦେବ ଇଙ୍ଗାଣୀଝରଣ ଖଣିକୁ ବନାଞ୍ଚଳରେ ଥିବା ଗ୍ରାମ୍ୟ ରାସ୍ତାକୁ ବ୍ୟବହାର କରି ଖଣିଜ ପରିବହନ ପାଇଁ ଅନୁମୋଦନ ଦିଆଯାଇଛି। ଚିଠିରେ ଉଲ୍ଲେଖ ଅଛି ଯେ, ବୈତରଣୀ (କ) ଏବଂ (ଖ) ସଂରକ୍ଷିତ ଜଙ୍ଗଲ ମଧ୍ୟରେ ୧.୭ କି.ମି. ରାସ୍ତା ରହିଛି। ଏହି ରାସ୍ତାକୁ ବ୍ୟବହାର କରିବା ପାଇଁ ଅସ୍ଥାୟୀ ଭାବେ ଅନୁମତି ଦିଆଯାଇଛି। ଏପରିକି ଏହାଦ୍ୱାରା ବନାଞ୍ଚଳରେ ଥିବା ଜୈବ ବିବିଧତା ଏବଂ ବନ୍ୟପ୍ରାଣୀ ଯେପରି ପ୍ରଭାବିତ ନ ହୁଅନ୍ତି, ଏଥିପ୍ରତି ଧ୍ୟାନ ଦେବାକୁ ଉଲ୍ଲେଖ ରହିଛି। ତେବେ ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ରାସ୍ତା ଖୋଳାଯାଇଥିଲା, ପୁଣି ଡିଏଫଓଙ୍କ ନିର୍ଦ୍ଦେଶରେ ଏହାକୁ ପୋତି ଖଣିଜ ପରିବହନ ପାଇଁ ଅନୁମତି କିପରି ଦିଆଗଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ଏହି ଖଣିରେ ଗଚ୍ଛିତ ଖଣିଜକୁ ବିକ୍ରି କରି, ବେଆଇନ ଖଣି ଖନନରେ ହୋଇଥିବା ଜରିମାନା ଅର୍ଥକୁ ପୈଠ କରିବା ପାଇଁ ୨୦୨୩ ଫେବୃଆରୀ ୨୭ରେ ସୁପ୍ରିମକୋର୍ଟ ୨,୭୭,୯୭୯ ମେଟ୍ରିକ ଟନ୍ ବିକ୍ରି କରିବା ପାଇଁ କମ୍ପାନୀକୁ ଅନୁମତି ଦେଇଛନ୍ତି। ତେବେ ଅତୀତରେ ଖଣି ଚାଲୁଥିବା ସମୟରେ ଖଣିଜ ପରିବହନ ମୁଖ୍ୟତଃ ଯୋଡା ୱାର୍ଡ ନଂ. ୭ ବାଚୁହଟିଂ ସାଇ ମନ୍ଦିର ରାସ୍ତା ଦେଇ ପରିବହନ ହେଉଥିଲା। ଏବେ ବନାଞ୍ଚଳ ରାସ୍ତାରେ ବିପୁଳ ପରିମାଣର ଖଣିଜ ପରିବହନ ହେଲେ ଜୈବ ବିବିଧତା ଓ ବନ୍ୟପ୍ରାଣୀଙ୍କୁ ପ୍ରଭାବିତ କରିବ ବୋଲି ପରିବେଶବିତ୍ ମତ ପୋଷଣ କରିଛନ୍ତି। ବନାଞ୍ଚଳ ଦେଇ ଖଣିଜ ପରିବହନ ଅନୁମୋଦନକୁ ବନ ବିଭାଗର ଅନୁକମ୍ପା ବୋଲି ସାଧାରଣରେ ଆଲୋଚନା ହେଉଛି। ଏନେଇ କେନ୍ଦୁଝର ଡିଏଫ୍‌ଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରିନାହିଁ।



## ସଂକ୍ଷେପରେ

### ମ୍ୟୁନିସିପାଲିଟି ପକ୍ଷରୁ ଖୋଲାଗଲା ୨୫ ଜଳ ବିତରଣ କେନ୍ଦ୍ର




କୋରାପୁଟ,୩।୪(ଅମିତାଭ ବେହେରା) ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧିକୁ ଦୃଷ୍ଟିରେ ରଖି ବୁଧବାର କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ସହରର ୨୫ ଜଳ ବିତରଣ କେନ୍ଦ୍ର ଖୋଲାଯାଇଛି। ସହରର ୨୧ଟି ୱାର୍ଡରେ ୨୧ଟି ଏବଂ ବସଷ୍ଟାଣ୍ଡ ଛକ, ଜଗନ୍ନାଥ ମନ୍ଦିର ଛକ, ପୋଷ୍ଟାଲ ଛକ ଓ ଉପଜିଲାପାଳ କାର୍ଯ୍ୟାଳୟ ଛକ ଆଦି ୪ଟି ସ୍ଥାନରେ ଜଳ ବିତରଣ କେନ୍ଦ୍ର ଖୋଲାଯାଇଛି। ଏହି ଜଳ ବିତରଣ କେନ୍ଦ୍ର ପରିଚାଳନା ପାଇଁ ସ୍ଥାନୀୟ ଜଳ ସାଥୀ ଓ ସ୍ଥାନୀୟ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ସଦସ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ମ୍ୟୁନିସିପାଲିଟି ପକ୍ଷରୁ କୁହାଯାଇଛି।

### ପଟ୍ଟାଙ୍ଗି ବିଧାନସଭା ଆସନ ପାଇଁ ପ୍ରଫୁଲ୍ଲ ପ୍ରାର୍ଥୀ

କୋରାପୁଟ,୩।୪(ଅମିତାଭବେହେରା)– ରାଜ୍ୟ ବିଜେଡ ପକ୍ଷରୁ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ସେଥିମଧ୍ୟରେ ଜିଲାର ପଟ୍ଟାଙ୍ଗି ବିଧାନସଭା ଆସନ ପାଇଁ ପୂର୍ବତନ ବିଧାୟକ ପ୍ରଫୁଲ କୁମାର ପାଙ୍ଗିଙ୍କୁ ଦଳୀୟ ଟିକେଟ ପ୍ରଦାନ କରାଯାଇଛି। ଏନେଇ ବିଜେଡି କର୍ମୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ପୂର୍ବରୁ ୨୦୧୪ ବିଧାନସଭା ନିର୍ବାଚନରେ ପ୍ରଫୁଲ ପାଙ୍ଗି ପଟ୍ଟାଙ୍ଗି ବିଧାନସଭା ଆସନରୁ କଂଗ୍ରେସର ରାମଚନ୍ଦ୍ର କାଡାମଙ୍କୁ ହରାଇ ବିଜୟୀ ହୋଇଥିଲେ । ଚଳିତ ୨୦୨୪ ନିର୍ବାଚନରେ ପାଙ୍ଗିଙ୍କ ଉପରେ ଆସ୍ଥା ରଖି ବିଜେଡି ପକ୍ଷରୁ ଟିକେଟ ପ୍ରଦାନ କରାଯାଇଛି। ଏଥିଯୋଗୁ ସେ ବିଜେଡି ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ବିଜେଡି ପକ୍ଷରୁ ଗତ ୨୦୧୯ ନିର୍ବାଚନରେ ପଟ୍ଟାଙ୍ଗି ଆସନରେ ପ୍ରତୀମ ପାଢୀଙ୍କୁ ପ୍ରାର୍ଥୀ କରାଯାଇଥିଲା। ସେ ମଧ୍ୟ ସେତେବେଳେ ବିଜୟୀ ହୋଇଥିଲେ । ବର୍ତ୍ତମାନ ସୁଦ୍ଧା ବିଜେଡି ପକ୍ଷରୁ କୋରାପୁଟ ଜିଲାରେ ଥିବା ୫ଟି ବିଧାନସଭା ଆସନ ମଧ୍ୟରୁ କୋରାପୁଟ, କୋଟପାଡ ଓ ପଟ୍ଟାଙ୍ଗି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି। ଜୟପୁର ଓ ଲକ୍ଷ୍ମୀପୁର ବିଧାନସଭା ଆସନ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା ବାକି ରହିଛି।

### ବୟସସୀମା ବୃଦ୍ଧି କମାଉଛି ପ୍ରଥମ ଶ୍ରେଣୀରେ ନାମଲେଖା

ନନ୍ଦପୁର, ୩।୪(ଶଙ୍କର ପୂଜାରୀ)– ରାଜ୍ୟ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡିକରେ ପାଠପଢା ଆରମ୍ଭ ହେବା ସହ ନୂତନ ଛାତ୍ରୀଛାତ୍ରଙ୍କ ନାମ ଲେଖା ଆରମ୍ଭ ହୋଇଛି। ନନ୍ଦପୁର ବ୍ଲକର ୧୪୦ ପ୍ରାଥମିକ ବିଦ୍ୟାଳୟ ୩୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୨୦ ଉଚ୍ଚ ବିଦ୍ୟାଳୟରେ ନାମଲେଖା ଆରମ୍ଭ ହୋଇଛି। ୨ତାରିଖ ପ୍ରବେଶ ଉତ୍ସବର ପ୍ରଥମ ଦିନରେ ନାମଲେଖା ସହ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ବୈଠକ ହୋଇଥିଲା। ଦ୍ୱିତୀୟ ଦିନ ସୁଦ୍ଧା ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ବିଦ୍ୟାଳୟକୁ ଜଣେ ଦୁଇ ଜଣ ଛାତ୍ରୀଛାତ୍ର ଆସୁଥିବାରୁ କର୍ତ୍ତୃପକ୍ଷ ଚିନ୍ତାରେ ପଡିଛନ୍ତି। ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ପୂର୍ବତନ ଜିଲାବୋର୍ଡ ପ୍ରାଥମିକ ବିଦ୍ୟାଳୟରେ ୪ ଜଣ, କୁମ୍ଭାରସାହି ପ୍ରାଥମିକ ବିଦ୍ୟାଳୟରେ ଜଣେ, ବାହିରିପଡ଼ା ପ୍ରାଥମିକ ବିଦ୍ୟାଳୟରେ ୪ ଜଣ, ସାରିଆପୁଟ ପ୍ରାଥମିକ ବିଦ୍ୟାଳୟରେ ୫ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୂଚନା ଦେଇଛନ୍ତି। ନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୪ଜଣ ଛାତ୍ରୀଛାତ୍ର ଷଷ୍ଠ ଶ୍ରେଣୀରେ ନାମ ଲେଖିଥିବା ପ୍ରଧାନ ଶିକ୍ଷୟତ୍ରୀ ଗୀତାଞ୍ଜଳି ସେଠୀ କହିଛନ୍ତି। ପ୍ରଥମ ଶ୍ରେଣୀରେ ନାମଲେଖା ବୟସ ସୀମା ୬ବର୍ଷକୁ ବୃଦ୍ଧି କରାଯାଇଥିବାରୁ ଗୋଟିଏ ବର୍ଷ ଏଭଳି ସଂଖ୍ୟା ହ୍ରାସ ସ୍ଥିତି ସବୁ ପ୍ରାଥମିକ ବିଦ୍ୟାଳୟରେ ଦେଖାଯିବ ବୋଲି ବ୍ଲକ ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝୀ କହିଛନ୍ତି।

# ଗ୍ରାମାଞ୍ଚଳରେ ହେଉଛି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ

- ଶୀଘ୍ର ହଟାଇବାର ବ୍ୟବସ୍ଥା କରିବୁ: ସରପଞ୍ଚ
- ପିଇଓଙ୍କୁ କହି ଯଥା ଶୀଘ୍ର କଢ଼ାଯିବା ବ୍ୟବସ୍ଥା କରିବି: ଜିପିଓ

ସୁନାବେଡା/ସେମିଳିଗୁଡା, ୩।୪(କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ)







ମୋହନପଡା ଗ୍ରାମ କାନ୍ଥ ଓ ଦୁଧାରୀ ଗ୍ରାମ ଜନଜାତି ହାଟରେ ମରାଯାଇଥିବା ପୋଷ୍ଟର।

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦେଶ ତଥା ସାରା ରାଜ୍ୟରେ ଲାଗୁ ହୋଇଛି ନିର୍ବାଚନ ଆଚରଣ ବିଧି। ସହରାଞ୍ଚଳରେ ଏହାକୁ କେତେକାଂଶରେ ପାଳନ କରାଯାଉଥିବା ବେଳେ ଗ୍ରାମାଞ୍ଚଳରେ ଏହାର ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି। ସୁନାବେଡା ପୌର ପରିଷଦର ସୀମାନ୍ତବର୍ତ୍ତୀ ଅଞ୍ଚଳ ତଥା କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ମୋହନପଡ଼ା ଗ୍ରାମ ଆରମ୍ଭରେ ଓ ଗ୍ରାମ ଭିତରେ ସରକାରୀ ଯୋଜନାର ପୋଷ୍ଟରମାନ କରାଯାଇଥିବା ଦେଖିବାକୁ ମିଳୁଛି। ସେହିପରି ଆଉ ଏକ ପୋଷ୍ଟର ସେମିଳିଗୁଡା ବ୍ଲକ ଦୁଧାରୀ ପଞ୍ଚାୟତ ଦୁଧାରୀ ଗ୍ରାମ ଆରମ୍ଭରେ ଥିବା ଜନଜାତି ହାଟରେ ଲାଗିଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ନିୟମ ଅନୁଯାୟୀ ନିର୍ବାଚନ ପାଇଁ ସମସ୍ତ ସରକାରୀ ବ୍ୟାନର୍ ଓ ପୋଷ୍ଟର୍‌ଗୁଡ଼ିକୁ କଢାଯିବା କିମ୍ବା ଢାଙ୍କି ରଖାଯିବା କଥା। ମାତ୍ର ଉକ୍ତ ୨ ଅଞ୍ଚଳରେ ଏହାର ବ୍ୟତିକ୍ରମ ଘଟିଛି। ଏସମ୍ପର୍କରେ ପଦ୍ମପୁର ସରପଞ୍ଚ ଚୈତନ ଜାନିଙ୍କୁ ପଚାରିବାରୁ ସେସବୁ ଦେଖିକି ଯଥା ଶୀଘ୍ର ହଟାଇବାର ବ୍ୟବସ୍ଥା କରିବୁ ବୋଲି କହିଥିଲେ। ଅନ୍ୟପଟେ ସେମିଳିଗୁଡା ବ୍ଲକ ଜିପିଓ ଅଜିତ ହୋତାଙ୍କୁ ପଚାରିବାରୁ ପିଇଓଙ୍କୁ କହି ଯଥା ଶୀଘ୍ର କଢ଼ାଯିବା ବ୍ୟବସ୍ଥା କରିବି ବୋଲି କହିଥିଲେ।

# ୨ ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ

ଲକ୍ଷ୍ମୀପୁର, ୩।୪ (ଅନନ୍ତ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ପଞ୍ଚଡ଼ା ପଞ୍ଚାୟତ ଫୁଲଗଛପଦର ନିକଟସ୍ଥ ହନୁମାନ ବାଟିକାଠାରେ ବୁଧବାର ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଛି। ଜଣକର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଲକ୍ଷ୍ମୀପୁର ବ୍ଲକ ଚମ୍ପି ଗ୍ରାମର କୁମୁଦ ଜାନି(୨୦) ବୋଲି ଜଣାପଡ଼ିଥିବା ବେଳେ ଅନ୍ୟ ଜଣକର ପରିଚୟ ମିଳିପାରିନାହିଁ। ଜଣେ ଗୁରୁତର ଆହତ ହୋଇଛନ୍ତି। ଖବରରୁ ଜଣାପଡ଼ିଛି କୁମୁଦ କୌଣସି କାର୍ଯ୍ୟରେ ବାଇକ୍ ଯୋଗେ କୋରାପୁଟ ଯାଉଥିଲେ। ଅନ୍ୟ ୨ ଜଣ ବାଇକ୍‌ରେ କୋରାପୁଟ ପଟୁ ଆସୁଥିଲେ। ଉପରୋକ୍ତ ସ୍ଥାନରେ ଉଭୟ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। କୁମୁଦଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ରାୟଗଡ଼ା ଜିଲା ବିଷମକଟକ ଅଞ୍ଚଳର ୨ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଣକର ମୃତ୍ୟୁ ହୋଇଛି। ଅନ୍ୟଜଣେ ଚିକିତ୍ସାଧୀନ ଅଛନ୍ତି। ଖବରପାଇ କାକିରିଗୁମା ଥାନା ଅଧିକାରୀ ଡମ୍ବରୁଧର ବାତ୍ରିଆ, ଏଏସ୍‌ଆଇ ଶଙ୍କର ତାଡିଙ୍ଗି ପହଞ୍ଚି ମୃତକ ଓ ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। କେସ୍ ନଂ.୩୭/୨୪ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। କୁମୁଦଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଦଳୀୟ ଟିକେଟକୁ ନେଇ ରଘୁରାମ, ଭାଗୀରଥି ମୁହାଁମୁହିଁ



ମୁହାଁମୁହିଁ ହୋଇଥିବା ୨ ନେତା।

କୋରାପୁଟ, ୩।୪(ଅମିତାଭ ବେହେରା)

୨୦୨୪ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି କୋରାପୁଟ ନିର୍ବାଚନ ମଣ୍ଡଳୀରେ ରାଜନୀତି ସମୀକରଣ ସେତେ ବଦଳିବାରେ ଲାଗିଛି। କୋରାପୁଟ ନିର୍ବାଚନ ମଣ୍ଡଳୀ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀ ତାଲିକା ଘୋଷଣା ସରିଛି । ବିଜେଡିରୁ ପୁଣି ଥରେ ରଘୁରାମ, କଂଗ୍ରେସରୁ କୃଷ୍ଣ କୁଲଦୀପ ଓ ଭାଜପାରୁ ରଘୁରାମ ମାଛଙ୍କୁ ଦଳ ପ୍ରାର୍ଥୀ କରିଛି। ଦଳୀୟ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ଭାଜପାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । କୋରାପୁଟ ଭାଜପା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି । ପ୍ରଥମ ସଭାରେ ଭାଜପା ବିଧାୟକ ପ୍ରାର୍ଥୀ ରଘୁରାମ ମାଛ ଓ ଆଶାୟୀ ପ୍ରାର୍ଥୀ ଭାଗୀରଥି ପାଟନିଆ ମୁହାଁମୁହିଁ ହୋଇଛନ୍ତି । ପ୍ରାର୍ଥୀ ତାଲିକା ପ୍ରକାଶ ପରେ କୋରାପୁଟର ଏକ ଶିବ ମନ୍ଦିରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ କୋରାପୁଟ ଲୋକସଭା ଏମ୍‌ପି ପ୍ରାର୍ଥୀ କାଳିରାମ ମାଝୀ ଓ କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ରଘୁରାମ ମାଛଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ରହିଥିଲା । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଯାଉଥିବା ବେଳେ ଦଳୀୟ ଟିକେଟକୁ ନେଇ ଦୁଇ ନେତା ରଘୁରାମ ଓ ଭାଗିରଥି ମୁହାଁ ମୁହିଁ ହୋଇଥିଲେ । କାଳିରାମ ଉଭୟଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଭାଗିରଥି କହିଛନ୍ତି ଯେ, ସେ ଦୀର୍ଘ ବର୍ଷ ଧରି ଭାଜପାରେ ସଙ୍ଗଠନ କରି ଆସୁଛନ୍ତି । ବିଭିନ୍ନ ସଭା ସମିତିରେ ଅର୍ଥ ଖର୍ଚ୍ଚ କରୁଛନ୍ତି । ଟିକେଟ ପାଇବାକୁ ଦଳ ଉପରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା। ମାତ୍ର ଦଳ ତାଙ୍କୁ ଟିକେଟ ନ ଦେଇ ବିଜେଡି ଛାଡି ଭାଜପାରେ କିଛିଦିନ ତଳେ ମିଶିଥିବା ରଘୁରାମଙ୍କୁ ଦଳ ଟିକେଟ ଦେଇଛି। କୋରାପୁଟ ଜିଲାରେ ଭାଜପା ସ୍ଥିତି ଭଲ ନ ଥିବା ବେଳେ ନେତାଙ୍କ ଭିତରେ ଏପରି ଟଣାଓଟରା ଆଗାମୀ ଦଳକୁ କ୍ଷତି ପହଞ୍ଚାଇବ ବୋଲି ରାଜନୈତିକ ବିଶେଷଜ୍ଞ ମହଲରେ ଆଲୋଚନା ହେଉଛ।

### ଅସରାଏ ବର୍ଷାରେ ଏକାଧିକ ସ୍ଥାନରେ ଜମିଲା ପାଣି

ନନ୍ଦପୁର, ୩।୪(ଶଙ୍କର ପୂଜାରୀ)– ନନ୍ଦପୁର ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ଅପରାହ୍ନରେ ବର୍ଷା ହୋଇଛି। ଯାହାର ପ୍ରଭାବରେ ବ୍ଲକ ଦେଇ ଯାଇଥିବା ବିଶାଖାପାଟଣା–ଜୟପୁର ସଂଯୋଗ କରୁଥିବା ରାଜ୍ୟ ରାଜପଥରେ ବର୍ଷାପାଣି ଜମି ରହି ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ରାସ୍ତାରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବା ଏବଂ କେତେକ ସ୍ଥାନରେ ହୋଇଥିବା ଡ୍ରେନ ପୋତି ହୋଇଯାଇଥିବାରୁ ଅସରାଏ ବର୍ଷାରେ ଏକାଧିକ ସ୍ଥାନରେ ଆଣ୍ଠୁଏ ଲେଖାଏ ପାଣି ଜମା ହୋଇ ରହୁଥିବା ଦେଖିବାକୁ ମିଳିଛି। ପାଡୁଆଠାରୁ ଚାଟୁଆ ମଧ୍ୟରେ ପଡେଇସିଂ ଡଙ୍ଗାଘାଟ, ଦାର୍ଲିପୁଟ, ଗାଲଗଣ୍ଡା, ପୁଜାରିପୁଟ ଓ ଗୁମିଗୁଡ଼ା ରାସ୍ତାରେ ଏହି ବର୍ଷାପାଣି ଜମାହୋଇ ରହିଛି। ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ରାସ୍ତାକଡ ଡ୍ରେନ ସଫା କରିବାକୁ ଦାବି ହେଉଛି।



# ଜୈବ ବିବିଧତାରେ ଉଲ୍ଲେଖନୀୟ ଗବେଷଣା ପାଇଁ ସିୟୁଓ ଗବେଷକ ସମ୍ବର୍ଦ୍ଧିତ




ସମ୍ବର୍ଦ୍ଧିତ ପ୍ରତିଭାମାନେ।

କୋରାପୁଟ,୩।୪(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ର ପିଏଚଡି ସ୍କଲାର ଅୟୁସ୍ମିତା ନାୟକଙ୍କୁ କେନ୍ଦ୍ର ସରକାରଙ୍କ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ଏପ୍ରିଲ ୧ ଓଡ଼ିଶା ଦିବସରେ ଭୁବନେଶ୍ୱରସ୍ଥିତ ଏସ୍‌ଓଏ ଅଡିଟୋରିୟମରେ ସମ୍ବର୍ଦ୍ଧିତ କରିଛନ୍ତି। 'ଆମ ଓଡ଼ିଆ' ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅୟୁସ୍ମିତାଙ୍କ ସହ ଅନ୍ୟ ଯୁବ ପ୍ରତିଭାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ନିକଟରେ ସିୟୁଓର ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ପିଏଚଡି ସ୍କଲାର ଅୟୁସ୍ମିତା ତାଙ୍କ ଗବେଷଣା ପାଇଁ ଦେଶରେ ଚର୍ଚ୍ଚାରେ ଥିଲେ। ତାଙ୍କର ଉଲ୍ଲେଖନୀୟ ଗବେଷଣା କାର୍ଯ୍ୟ ଯୋଗୁ ଉତ୍ତର ପୂର୍ବ ଘାଟର କୋରାପୁଟରୁ ଦୁଇଟି ନୂତନ ପ୍ରଜାତିର ମେଗାସ୍କୋଲେକ୍ସ ଜିଆ ଆବିଷ୍କୃତ ହୋଇଛି। ଏହାର ନାମ ଏମ.ଜୟପୁରଘାଟିଆନିସ ଏବଂ ଏମ. କ୍ୱାଡ୍ରିପାପ୍ପିଆଟ୍‌ସ ରଖାଯାଇଛି। ପ୍ରଥମ ପ୍ରଜାତି କୋରାପୁଟର ଜୟପୁର ଘାଟି ଅଞ୍ଚଳରୁ ଚିହ୍ନଟ ହୋଇଥିବା ବେଳେ ଅନ୍ୟଟି କୋରାପୁଟର ରାଣୀ ଡୁଡୁମାରୁ ଚିହ୍ନଟ ହୋଇଛି। ବିଜ୍ଞାନ ଦୁନିଆରେ ଏହି ଦୁଇ ଜିଆର ପ୍ରଜାତି ନୂଆ । ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ ପ୍ରଫେସର ଏସକେ ପାଲିତାଙ୍କ ତତ୍ତ୍ୱାବଧାନରେ ଏହି ଗବେଷଣା କରାଯାଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ଖବର ପାଇ ଖୁସି ବ୍ୟକ୍ତ କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅଗ୍ନିଗଙ୍ଗାମାଙ୍କ ଘଟଯାତ୍ରା ଉଦ୍‌ଯାପିତ



ଦାମନଯୋଡି,୩।୪ (ମାନସ ରଞ୍ଜନ କର)

ଦାମନଯୋଡି ନାଲ୍‌କୋ ବିସ୍ଥାପିତ କଣ୍ଟାଗୁଡା କଲୋନୀ ନୀଳାବାଡି ମନ୍ଦିରଠାରେ ଚାଲିଥିବା ଅଗ୍ନିଗଙ୍ଗାମାଙ୍କ ପ୍ରସିଦ୍ଧ ଘଟଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୩୦ବର୍ଷ ଧରି ଏଠାରେ ମା'ଙ୍କ ଘଟଯାତ୍ରା ଚାଲିଥିବା ମନ୍ଦିର ମୁଖ୍ୟ ପରିଚାଳକ ରଘୁ ଟାକ୍ରି କହିଛନ୍ତି। ଏହି ଅବସରରେ ସୋମବାର ବାଇଦବାଜଣା ସହ ପାରମ୍ପରିକ ପୂଜାର୍ଚ୍ଚନା ଆବାହନ ଆଦି କରାଯାଇ ମା'ଙ୍କୁ ମୁଖ୍ୟ ମନ୍ଦିରରୁ ଯାତ୍ରା ମଣ୍ଡପକୁ ଅଣାଯାଇଥିଲା। ମଙ୍ଗଳବାର ମା'ଙ୍କ ଘଟକୁ ଅଁଳାବାଡି କଲୋନୀରେ ନଗର ପରିକ୍ରମା କରାଯାଇଥିଲା। ଏହି ଅବସରରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ଅଗ୍ନି ଉପରେ ଖାଲି ପାଦରେ ଚାଲିଥିଲେ। ମନ୍ଦିର ପରିଚାଳକ ତଥା ମୁଖ୍ୟପୂଜକ ରଘୁ ଟାକ୍ରିଙ୍କ ତତ୍ତ୍ୱାବଧାନରେ ରୁଦ୍ର ଟାକ୍ରି,କୋଡ ଟାକ୍ରି, ଭୁବନ ଟାକ୍ରି ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ। କଣ୍ଟାଗୁଡା ଏବଂ ବିସ୍ଥାପିତ କଲୋନିବାସୀ ଏଥିରେ ସହଯୋଗ କରିଥିଲେ। ଯାତ୍ରା ପଡିଆରେ ନବରଙ୍ଗପୁର ଜିଲା କେନ୍ଦୁଗୁଡା ଏବଂ ଶେରୁଗୁଡା ଅଞ୍ଚଳର କଳାକାରମାନେ ଦୁଇ ରାତି ପୌରାଣିକ ନାଟକ ପରିବେଷଣ କରିଥିଲେ। ବୁଧବାର ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା ପରେ ମା'ଙ୍କୁ ମେଲାଣି କରାଯାଇ ଯାତ୍ରା ମଣ୍ଡପରୁ ମୁଖ୍ୟ ମନ୍ଦିରକୁ ନିଆଯାଇଛି।

# ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ଜୟପୁର, ୩୦।୩ (ପବନ ପାଣିଗ୍ରାହୀ)

ଜଣେ ମହିଳାଙ୍କୁ ତାଙ୍କ ପରିବାର ଲୋକେ ନିର୍ଯାତନା ଦେଉଥିବା ନେଇ ବୁଧବାର ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ବୈପାରିଗୁଡା ଅଞ୍ଚଳର ମହିଳା ସସ୍ମିତା ସିଂ ଏହି ଅଭିଯୋଗ କରିଛନ୍ତି । ଅଭିଯୋଗପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ସେ ଗତ ୨୦୨୨ରେ ମାଲକାନଗିରି ଅଞ୍ଚଳର ସୁରେନ୍ଦ୍ର ରାଜୁଙ୍କୁ ବିବାହ କରିଥିଲେ। ବିବାହର କିଛି ମାସ ଠିକ ଚାଲିବା ପରେ ଏବେ ତାଙ୍କ ସ୍ୱାମୀ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଗୁରୁତର ସହ ନେଇ ପୋଲିସ ସ୍ୱାମୀ ସୁରେନ୍ଦ୍ରଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଅମିତା କୁଜୁର କହିଛନ୍ତି ।

# ଷ୍ଟ୍ରଙ୍ଗରୁମ୍, ଭୋଟଦାନ କେନ୍ଦ୍ର ସମୀକ୍ଷା କଲେ ଏଡିଏମ

ଜୟପୁର, ୩।୪(ପବନ ପାଣିଗ୍ରାହୀ)

ନିର୍ବାଚନ ବେଳେ ଜୟପୁର ପୌରାଞ୍ଚଳରେ ହେବାକୁ ଥିବା ଭୋଟଦାନ କେନ୍ଦ୍ର ଓ ଷ୍ଟ୍ରଙ୍ଗରୁମ ମଙ୍ଗଳବାର କୋରାପୁଟ ଏଡିଏମ ଲଗ୍ନଜିତ ରାଉତ ପରିଦର୍ଶନ କରିଛନ୍ତି। ଏଡିଏମ ରାଉତ ଜୟପୁର ପୌରାଞ୍ଚଳରେ ଥିବା ଭୋଟଦାନ କେନ୍ଦ୍ର ବୁଲି ସମୀକ୍ଷା କରିଥିଲେ। ଜୟପୁର ପୌରାଞ୍ଚଳ ପାଇଲ ସାହି ସ୍କୁଲ, ଜେଇଏଲସି ହାଇସ୍କୁଲ, ଅପରକୋଲାବ ଇରିଗେସନ ହାଇସ୍କୁଲ, ଜୟନଗର ସେବାଶ୍ରମ ସ୍କୁଲ ସହ ନିର୍ବାଚନ ପାଇଁ ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ଷ୍ଟ୍ରଙ୍ଗରୁମ ସେ ପରିଦର୍ଶନ କରିଥିଲେ। ଭୋଟଦାନ କେନ୍ଦ୍ରରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଯଥା ପାନୀୟ ଜଳ, ବିଦ୍ୟୁତୀକରଣ, ଭିନ୍ନକ୍ଷମ ଭୋଟରଙ୍କ ପାଇଁ ବ୍ୟବସ୍ଥା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ ଏଡିଏମ୍‌ଙ୍କ ସହ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ମୋନାଲିସା ଆଚାର୍ଯ୍ୟ, କନିଷ୍ଠଯନ୍ତ୍ରୀ ଅଜୟ ଜାନି, ପ୍ରତାପ ଆଚାର୍ଯ୍ୟ, ଆସିଷ୍ଟାଷ୍ଟ କଲେକ୍ଟର ବାଲାଜୀ ପ୍ରସାଦ ବ୍ରହ୍ମା ଉପସ୍ଥିତ ଥିଲେ।




ଏଡିଏମ୍ ଏକ ଭୋଟଦାନ କେନ୍ଦ୍ରରେ ଷ୍ଟ୍ରଙ୍ଗରୁମ୍ ତଦାରଖ କରୁଛନ୍ତି।

# ପ୍ରେମ, ବଳିଦାନର କଥା କହିଲା 'ତୋର୍ କିରିଆ'

**ପଞ୍ଚପଟ୍ଟମାଳି ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ**

ଦାମନଯୋଡ଼ି,୩।୪(ମାନସ ରଞ୍ଜନ କର)



ଉଦ୍‌ଘାଟନୀ ଉତ୍ସବରେ ସାମିଲ ହୋଇଥିବା ଅତିଥି, ନାଟ୍ୟକାର, କଳାକାର ଓ ଅନ୍ୟମାନେ।

କୋରାପୁଟ ଜିଲା ଦାମନଯୋଡ଼ି ନାଲ୍‌କୋ ଟାଉନଶିପସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଅଷ୍ଟାଦଶ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ ତଥା ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଦାମନଯୋଡିର ଆରାଧ୍ୟା ଦେବୀ ମା'କଣ୍ଟାବାଉଶୁଣୀଙ୍କ ପୀଠରୁ ଦୀପଶିଖା ଅଣାଯାଇ ମଞ୍ଚ ନିକଟରେ ସ୍ଥାପନ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ନାଲ୍‌କୋର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ସୋମନାଥ ହାଁସଦା ମୁଖ୍ୟଅତିଥି ରୂପେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋର ସମୂହ ମହାପ୍ରବନ୍ଧକ ପ୍ରମୋଦ ବେହେରାଙ୍କ ସହ ବରିଷ୍ଠ ଅଧିକାରୀମାନେ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଉଦଘାଟନୀ ସନ୍ଧ୍ୟାରେ ମିରର୍ ଥିଏଟର,ବେଲପାହାଡ଼ ପକ୍ଷରୁ 'ତୋର୍ କିରିଆ' (ସମ୍ବଲପୁରୀ) ନାଟକ ମଞ୍ଚସ୍ଥ ହୋଇଥିଲା। ଶବରପଲ୍ଲିରେ ଆଦିବାସୀ ଶବର କନ୍ୟା ସରନାର କାହାଣୀ ଏଥିରେ ରୂପାୟିତ ହୋଇଛି। ମା'ଛେଉଣ୍ଡ ସରନା ଓ ଜଣେ ସହରୀ ବାବୁଙ୍କ ସଂଘର୍ଷମୟ ପ୍ରେମକାହାଣୀକୁ ନାଟକ ତୋଳିଧରିଛି। ଭାରତବର୍ଷ ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ସୁଦ୍ଧା ଏବେ ବି ଏମିତି ଗାଁ ରହିଛି ଯେଉଁଠି ଶିକ୍ଷା,ସରକାରୀ ଯୋଜନା ପହଞ୍ଚିବା, ସେଥିରୁ ଉପକୃତ ହେବା ଲୋକଙ୍କ ପାଇଁ ସାତ ସପନ ପାଲଟିଛି। ଏବେ ବି ଲୋକେ ଅନ୍ଧବିଶ୍ୱାସ, କୁସଂସ୍କାର ଓ କୁପ୍ରଥାର ଶିକାର ହୋଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ମଙ୍ଗଳ ପାଇଁ ଆସିଥିବା ନାୟକ ସହରୀ ବାବୁ ଗୌରବଙ୍କୁ ବଳି ଦେବା ପାଇଁ ଉଦ୍ୟମ ହୋଇଛି। ଖଳନାୟକ ଭେଙ୍ଗରାର ଧନୁ ଓ ତୀରରେ ସହରୀ ବାବୁ ଗୌରବଙ୍କୁ ଆକ୍ରମଣ କରୁଥିବା ବେଳେ ଶବର କନ୍ୟା ସରନାର ମୃତ୍ୟୁ ହୁଏ। ମରିବା ସମୟରେ ମଧ୍ୟ ସରନା ଶବରମାନଙ୍କ ଉନ୍ନତିର କଥା କହିଛି। ସମସ୍ତଙ୍କୁ ବଦଳିବା ପାଇଁ କିରିଆ(ରାଣ) ଦେଇଛି। ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର ଲାଗି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରନା ଦେଇଥିବା କିରଆ(ରାଣ)କୁ ସମସ୍ତେ ପାଳନ କରନ୍ତି। ଲେଖକ ଓ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପ୍ରଧାନଙ୍କ ଏହି ନାଟକରେ ଗୌରୀଶଙ୍କର କୁମ୍ଭାର ସଙ୍ଗୀତ ଓ ବିନୟ ପ୍ରଧାନ ସଙ୍ଗୀତ ପରିଚାଳନା କରିଥିଲେ। ଡା.ଶ୍ୟାମସୁନ୍ଦର ପାଣ୍ଡେ ମଞ୍ଚ ପରିଚାଳନା ଓ ପରମେଶ୍ୱର ମରେଇ ଆଲୋକ ପରିଚାଳନା କରିଥିଲେ। ନାଟକରେ ଶରତ ସାହୁ, ରମାକାନ୍ତ ମଲ୍ଲିକ, ମନୋରଞ୍ଜନ ନାୟକ, ଅମରେନ୍ଦ୍ର ପ୍ରତାପ ସିଂହ, ସୋନିଆ ବେହେରା, ଗୋବିନ୍ଦ ପରିଡ଼ା ଓ ସୁଶାନ୍ତ ମହାରଣା, ପରମେଶ୍ୱର ମରେଇ, ବେଦବ୍ୟାସ ହରିମାଲ, ମିଲୁତାସ୍ୟ ସୁନା, ଅର୍ଜୁନ ବନଛୋର, ଆୟୁଷୀ ପଟ୍ଟନାୟକ, ଆରତି ବଏଗା, ପ୍ରତୀକ୍ଷା ମିଶ୍ର, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ କଳାକାରମାନେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଏହି ନାଟକ ପ୍ରତିଯୋଗିତାରେ ବରିଷ୍ଠ ନାଟ୍ୟକାର ବ୍ରଜେଶ ନାୟକ,ଧୀରେନ୍ଦ୍ର ବଶା ଏବଂ ଗିରିଜା ଚୌଧୁରୀ ବିଚାରକ ଦାୟିତ୍ୱରେ ଥିଲେ। ନାଟ୍ୟ ମହୋତ୍ସବ କମିଟି ପକ୍ଷରୁ ସଭାପତି ନିରାକାର ନାୟକ,ସମ୍ପାଦକ ଶିଶିର ମିଶ୍ର, ପ୍ରଭାତ ଦାଶ,ରଞ୍ଜୟ କାନୁନଗୋ, ନିର୍ମଳ ରାଉତ, ଚିତ୍ତରଞ୍ଜନ ଦାଶ,ସୁନୀଲ ଦାଶ,ମନୋଜ ପୃଷ୍ଟି, ଶ୍ରୀକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ପରିଚାଳନା କରିଥିଲେ।

# ରାଜ୍ୟ ନେତୃବୃନ୍ଦଙ୍କୁ ଭେଟିଲେ ରାୟଗଡ଼ା ନିର୍ବାଚିତ ପ୍ରତିନିଧି

**ଅନସୂୟାଙ୍କ ପ୍ରାର୍ଥିତ୍ୱକୁ ବିରୋଧ ଘଟଣା**

**ହାତ ମିଳାଇଲେ ଦୁଇ ଭେଟେରାନ ନେତା ଏନ.ଭାସ୍କର - କୃଷ୍ଣ**

ରାୟଗଡ଼ା,୩।୪(ଆଶିଷ ରଞ୍ଜନ ପଣ୍ଡା)


ଭୁବନେଶ୍ୱରରେ କର୍ମୀଙ୍କ ସହ ଦୁଇ ଭେଟେରାନ୍ ନେତା ଏନ.ଭାସ୍କର ରାଓ ଏବଂ କୃଷ୍ଣ ମହାପାତ୍ର।

ବିଜେଡ଼ି ପକ୍ଷରୁ ଗତ ୨୭ ତାରିଖରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା ହୋଇଥିଲା । ଏଥିରେ ରାୟଗଡ଼ା ବିଧାନ ସଭା ଆସନ ପାଇଁ ଅନସୂୟା ମାଝିଙ୍କ ନାମ ଘୋଷଣା ପରେ ଦଳରେ ଦେଖାଦେଇଛି ବିଦ୍ରୋହ । ଅନସୂୟାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ରାୟଗଡ଼ା ଓ କାଶୀପୁର ବ୍ଲକ ସମେତ ରାୟଗଡ଼ା ପୌର ପରିଷଦର ସମସ୍ତ ନିର୍ବାଚିତ ପ୍ରତିନିଧି ଦଳୀୟ ପଦରୁ ଇସ୍ତଫା ଦେଇଛନ୍ତି । ଯାହା ଶୀର୍ଷ ନେତୃତ୍ୱଙ୍କ ଚିନ୍ତା ବଢ଼ାଇଛି । ଏହି ସମସ୍ୟାର ସମାଧାନ ପାଇଁ ବୁଧବାର ଭୁବନେଶ୍ୱରରେ ରାଜ୍ୟ ନେତୃବୃନ୍ଦଙ୍କ ସହ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହୋଇଛି। ଅନ୍ୟପଟେ ଦୀର୍ଘ ଦିନର ମତାନ୍ତର ଭୁଲି ରାୟଗଡ଼ା ଜିଲାର ଦୁଇ ଭେଟେରାନ୍ ନେତା ଏନ.ଭାସ୍କର ରାଓ ଏବଂ କୃଷ୍ଣ ମହାପାତ୍ର ଭୁବନେଶ୍ୱରରେ ହାତ ମିଳାଇଛନ୍ତି । ଭାସ୍କର ଓ କୃଷ୍ଣଙ୍କୁ ଡାକରା ପରେ ଉଭୟେ ମିଳିତ ଭାବେ ନବୀନ ନିବାସ ଯାଇ ଦଳର ସଭାପତି ନବୀନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ ସହିତ ଆଲୋଚନା କରିଥିଲେ। ଏହି ସମୟରେ ସମସ୍ତ ନିର୍ବାଚିତ ପ୍ରତିନିଧି, ଦଳୀୟ ନେତା ରାଜ୍ୟ ନେତୃବୃନ୍ଦଙ୍କ ନିକଟରେ ସେମାନଙ୍କ ମତାମତ ରଖିଛନ୍ତି।

ମଙ୍ଗଳବାର ରାତିରେ ରାୟଗଡ଼ାରୁ ଶତାଧିକ ନିର୍ବାଚିତ ପ୍ରତିନିଧି, ନେତା ଓ କର୍ମୀ ରାଜଧାନୀ ଯାଇଥିଲେ। ଭାସ୍କର ଓ କୃଷ୍ଣଙ୍କ ବ୍ୟତିତ ଆଗଧାଡିର ନେତା ତଥା ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ପୂର୍ବତନ ବିଧାୟକ ବୀଭିଷଣ ମାଝୀ, ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଗୁନି ହୁଇକା, ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଟ ମାଝୀ, ବିଜେଡ଼ି ରାଜ୍ୟ ସମ୍ପାଦକ ଚନ୍ଦ୍ରକାନ୍ତ ସାମଲ,ଅମୀୟ ସ୍ୱାଇଁ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅବିନାଶ ବିଷୋୟୀ, ଉପସଭାପତି ଅମିତ ନାୟକ, ସାଧାରଣ ସମ୍ପାଦକ ତପନ ପେଦେଣ୍ଟିଙ୍କ ସହ ଶତାଧିକ କର୍ମୀ ଭୁବନେଶ୍ୱର ଯାଇଥିଲେ। ଶୀର୍ଷ ନେତୃତ୍ୱ ସହ କ'ଣ ଆଲୋଚନା ହେଲା ତାହା ଜଣାପଡିନାହିଁ। ତେବେ ଏ ନେଇ ଭାସ୍କର ରାଓ କହିଛନ୍ତି ଯେ, କର୍ମୀଙ୍କ କଥା ଓ ଦାବି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଗଲା । ତାପରେ ମୁଖ୍ୟମନ୍ତ୍ରୀ ଯାହା ବିଚାର କରିବେ। ତେବେ ଏହାକୁ ନେଇ ବିଜେଡ଼ି ଆଭ୍ୟନ୍ତରୀଣ ରାଜନୀତି ପଡୁଛି ଉଠୁଛି। ବର୍ତ୍ତମାନ ଏହି ଆଲୋଚନା ଚକ୍ର କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା ।

# ଟିକେଟ ନ ମିଳିବାରୁ କଂଗ୍ରେସର ବିଭିନ୍ନ ପଦରୁ ଇସ୍ତଫା ଦେଲେ ୨ ଆଶାୟୀ

ଗୁଣପୁର,୩।୪(ପ୍ରଦୀପ କୁମାର ପାଢୀ)

ରାୟଗଡ଼ା ଜିଲା ଗୁଣପୁର ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପକ୍ଷରୁ ସତ୍ୟଜିତ ଗମାଙ୍ଗଙ୍କୁ ପ୍ରାର୍ଥୀ କରାଯାଇଛି। ଏହାର ପ୍ରତିବାଦରେ ୨ ଆଶାୟୀ ପ୍ରାର୍ଥୀ ଜିଲା ସଭାପତି ବିଜୟ କୁମାର ଗମାଙ୍ଗଙ୍କୁ ବୁଧବାର ଦଳର ବିଭିନ୍ନ ପଦ ପଦବୀରୁ ଇସ୍ତଫା ଦେଇଛନ୍ତି। ୨ ଆଶାୟୀ ପ୍ରାର୍ଥୀ ହେଲେ କଂଗ୍ରେସ ଜିଲା ସଭାପତି ବିଜୟଙ୍କ ପୁଅ ଯୁବ କଂଗ୍ରେସର ରାଜ୍ୟ ପ୍ରବକ୍ତା ଅଭିନାଶ ଗମାଙ୍ଗ ଏବଂ ଅନ୍ୟ ଜଣେ ପ୍ରାର୍ଥୀ ହେଲେ ଗୁଡାରି ବ୍ଲକ୍ ସଭାପତି ଭାସ୍କର ଜାଗରେଙ୍ଗା। ସେମାନେ ତାଙ୍କ ସମର୍ଥକଙ୍କ ସହ କଂଗ୍ରେସର ବିଭିନ୍ନ ପଦ ପଦବୀରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି।

ଚଳିତ ନିର୍ବାଚନରେ ଉପଯୁକ୍ତ ଲୋକଙ୍କୁ ପ୍ରାର୍ଥୀ କରା ନ ଯାଇ ଜଣେ ଅଣ କଂଗ୍ରେସ ଲୋକଙ୍କୁ ପ୍ରାର୍ଥୀ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିସହ ଜଣେ ଅଣ କଂଗ୍ରେସ କର୍ମୀଙ୍କ କଥାରେ ପ୍ରାର୍ଥୀ ଚୟନ କରାଯାଇଛି। ତେଣୁ ଏହା କେତେଦୂର ଯୁକ୍ତିଯୁକ୍ତ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତାଙ୍କ ସହ ତାଙ୍କର ସମର୍ଥକ ଉନା ବାଉରି, ଡି. ଯାକବ, ସୁଦାମ ଶବର, ଏମ୍.ବାଲକ୍ରିଷ୍ଣା, ଆପାରାଓ ପାତିକା, ମନୋରଞ୍ଜନ ଗୌଡ, ଆଶିଷ ଦାସ, ଏଲ.ଜାଗରଙ୍ଗା, ଅଲେଖ ଚନ୍ଦ୍ର ହିକାବାଡି ପ୍ରମୁଖ ବିଭିନ୍ନ ପଦ ପଦବୀରୁ ଇସ୍ତଫା ଦେଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି। ଏ ନେଇ ଜିଲା ସଭାପତି ବିଜୟ କୁମାର ଗମାଙ୍ଗଙ୍କ ସହ ଯୋଗାଯୋଗ କରାଯିବାରୁ ୨ ଆଶାୟୀ ପ୍ରାର୍ଥୀଙ୍କ କଂଗ୍ରେସରୁ ଇସ୍ତଫା ଚଳିତ ନିର୍ବାଚନରେ ନିଶ୍ଚିତ ପ୍ରଭାବ ପଡିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପକ୍ଷରେ ଅଣ କଂଗ୍ରେସରୁ ପ୍ରାର୍ଥୀ କରାଯିବା ପ୍ରସଙ୍ଗ ସହ ଭାଇରାଲ ହୋଇଥିବା ଭାଜପା ଯୁବମୋର୍ଚ୍ଚାର ଲେଟର ପ୍ୟାଡ ବାବଦରେ ଗୁଣପୁର କଂଗ୍ରେସ ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗଙ୍କୁ ପଚରାଯିବାରୁ ସେ କହିଥିଲେ, ଶିଶିର ଗମାଙ୍ଗ ମୋ ନାମକୁ ଲେଖି ଦେଇଥିଲେ। ତାଙ୍କୁ ମୁଁ ସେହି ସମୟରେ ମନା କରିଥିଲି। ୨୦୧୪ରୁ ମୁଁ କଂଗ୍ରେସରେ ଅଛି ଏବଂ ବିଭିନ୍ନ ପଦପଦବୀରେ ରହିଆସୁଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି। ସୂଚନାଯୋଗ୍ୟ, ଭାଜପା ଯୁବ ମୋର୍ଚ୍ଚାର ଲେଟରପ୍ୟାଡରେ ସତ୍ୟଜିତ ଗତ ୭।୭।୨୦୨୧ରେ ଜିଲା ସମ୍ପାଦକ ଥିବା ଏକ ପତ୍ର ଭାଇରାଲ ହୋଇଛି।

# ଘାଟିରୁ ୧୦ଫୁଟ ତଳକୁ ଖସିଲା ଭ୍ୟାନ, ଚାଳକ ମୃତ

ପଦ୍ମପୁର,୩।୪ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ୧୩୨ କେ.ଭି.ଲାଇନ ଗୋଇବନ୍ଧ ଘାଟିରେ ଭାରସାମ୍ୟ ହରାଇ ଏକ ଭ୍ୟାନ୍ ପ୍ରାୟ ୧୦ଫୁଟ ତଳକୁ ଖସି ପଡ଼ିବାରୁ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶିବନାଥ ମେସ୍ତ୍ରୀ । ଅନ୍ୟ ଜଣେ ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପଦ୍ମପୁର ମେଡିକାଲକୁ ଆଣିଥିଲେ। ସେ ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରଙ୍କ ନାମ ଦୀପଙ୍କର ସାହୁ। ଉଭୟଙ୍କ ଘର ପଶ୍ଚିମବଙ୍ଗରେ ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ବ୍ରହ୍ମପୁର ପଟୁ ଆସୁଥିବା ଏକ ଗାଜର ବୋଝେଇ ଭ୍ୟାନ ପଦ୍ମପୁର ନିକଟସ୍ଥ ଗୋଇବନ୍ଧ ଘାଟିରୁ ପ୍ରାୟ ୧୦ଫୁଟ ତଳକୁ ଖସି ପଡ଼ିଥିଲା। ଖବରପାଇ ପଦ୍ମପୁର ଥାନା ଏସ୍ଆଇ ଅଶୋକ କୁମାର ନାୟକ, କେନ୍ଦୁଗୁଡା ଫାଣ୍ଡି ଅଧିକାରୀ ଜସକେସନ ସାହୁ, ପଦ୍ମପୁର ଡ୍ରାଇଭର ସଂଘର ଏ.ନାଗଭୂଷଣ ରାଓ, ନୂତନ ପାଣି, ଦେବେନ୍ଦ୍ର ରାଉତ, କରୁଣାକର ନାୟକ ପ୍ରମୁଖଙ୍କ ସହଯୋଗରେ ଚାଳକଙ୍କ ମୃତଦେହ ଜବତ କରି ଗୁଣପୁର ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା। ପୋଲିସ ମୃତ ଓ ଆହତଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ତଦନ୍ତ ଚଳାଇଛି।

# ମା' ମଝିଘରିଆଣୀଙ୍କ ଆଶୀର୍ବାଦ ନେଲେ ସପ୍ତଗିରି

**କୋରାପୁଟ ସଂସଦୀୟ କ୍ଷେତ୍ରର ବିଧାୟକ ପ୍ରାର୍ଥୀଙ୍କ ସହ ଶକ୍ତି ପ୍ରଦର୍ଶନ**


ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି ସପ୍ତଗିରି ଉଲାକା ଓ ଅନ୍ୟମାନେ।

ରାୟଗଡ଼ା,୩।୪(ଆଶିଷ ରଞ୍ଜନ ପଣ୍ଡା)

କଂଗ୍ରେସର ପ୍ରାର୍ଥୀ ଘୋଷଣା ପରେ ସପ୍ତଗିରି ଉଲାକା ଓ କୋରାପୁଟ ସଂସଦୀୟ କ୍ଷେତ୍ରର ସମସ୍ତ ବିଧାୟକ ପ୍ରାର୍ଥୀ ବୁଧବାର ମଝିଘରିଆଣୀ ମନ୍ଦିର ଓ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଛନ୍ତି। କୋରାପୁଟ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରାୟଗଡ଼ା, ଗୁଣପୁର, ବିଷମକଟକ, ପଟାଙ୍ଗି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ପ୍ରାର୍ଥୀମାନେ ବୁଧବାର ରାୟଗଡ଼ାଠାରେ ଏକାଠି ହୋଇଥିଲେ। ଏହି ଅବସରରେ ଏମ୍ପି ସପ୍ତଗିରି ଉଲାକା ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି।

ସପ୍ତଗିରିଙ୍କ ସମେତ ଗୁଣପୁର ପ୍ରାର୍ଥୀ ସତ୍ୟଜିତ ଗମାଙ୍ଗ, ବିଷମକଟକ ପ୍ରାର୍ଥୀ ନୀଳମାଧବ ହିକକା, ରାୟଗଡ଼ା ପ୍ରାର୍ଥୀ ଆପଲାସ୍ୱାମୀ କାଡ୍ରାକା, ପଟାଙ୍ଗି ପ୍ରାର୍ଥୀ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ପ୍ରାର୍ଥୀ ପବିତ୍ର ସାଉଁତା ଓ କୋରାପୁଟ ପ୍ରାର୍ଥୀ କୃଷ୍ଣଚନ୍ଦ୍ର କୁଲଦୀପ ପ୍ରମୁଖ ରାୟଗଡ଼ା ଜିଲା କଂଗ୍ରେସ ଭବନରେ ଏକତ୍ରିତ ହୋଇଥିଲେ। କଂଗ୍ରେସ ଭବନରୁ ପଦଯାତ୍ରାରେ ଯାଇ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ପୂଜାର୍ଚ୍ଚନା ପରେ ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ନିକଟରେ ପହଞ୍ଚିଥିଲେ। ସମସ୍ତ ପ୍ରାର୍ଥୀ ପୂଜାର୍ଚ୍ଚନା କରି ମା'ଙ୍କ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ସପ୍ତଗିରି କହିଛନ୍ତି ଯେ, କୋରାପୁଟ ସଂସଦୀୟ କ୍ଷେତ୍ର ଓ ଏହାର ଅନ୍ତର୍ଗତ ସମସ୍ତ ବିଧାନସଭା ଆସନରେ କଂଗ୍ରେସ ଜିତିବ। ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି ଯେ, ଫଳାଫଳ ଘୋଷଣା ଦିନ ମା'ଙ୍କ ଆଶୀର୍ବାଦ ସମସ୍ତଙ୍କୁ ଦେଖାଦେବ। ଅବିଭକ୍ତ କୋରାପୁଟ ଜିଲା କଂଗ୍ରେସ ଦଳର ଗଡ଼ ରହିଥିଲା ଏବଂ ସେହି ଗଡ ପୁଣି କଂଗ୍ରେସ ଖାତାକୁ ଫେରିବ ବୋଲି ବିଧାନସଭା ପ୍ରାର୍ଥୀମାନେ କହିଛନ୍ତି। ଏଣେ କୋରାପୁଟ ସଂସଦୀୟ କ୍ଷେତ୍ରରେ ପ୍ରଚାର ପାଇଁ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମେତ ଅନ୍ୟ ତାରକା ଆସିବେ ବୋଲି ସୂଚନା ମିଳିଛି। ଏହି ଶକ୍ତି ପ୍ରଦର୍ଶନ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ଏଆଇସିସି ସଦସ୍ୟା ରତ୍ନମଣି ଉଲାକା, ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ସମ୍ପାଦକ ସୀମାଞ୍ଚଳ ଉଲ୍ଲାକା, ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ଶଙ୍କର୍ଷଣ ମଙ୍ଗରାଜ, ସମ୍ପାଦକ ପାର୍ଥ ବର୍ଦ୍ଧନ, ଏମ୍ପିଙ୍କ ପିଏ ବାପି ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ଅମ୍ବିକା ମାଝୀଙ୍କ ସମେତ ଅନେକ ବରିଷ୍ଠ ଓ ଯୁବନେତା ଉପସ୍ଥିତ ଥିଲେ।

# ନୀଳମାଧବଙ୍କୁ ରିପିଟ୍ କଲା କଂଗ୍ରେସ

**ବିଷମକଟକ ନିର୍ବାଚନମଣ୍ଡଳୀ**

ବିଷମକଟକ,୩। ୪ (ବିଭୂତି ଭୂଷଣ ନାୟକ)

କଂଗ୍ରେସ ପକ୍ଷରୁ ମଙ୍ଗଳବାର ପ୍ରାର୍ଥୀ ଘୋଷଣା ହୋଇଛି । ପ୍ରଥମ ପର୍ଯ୍ୟାୟ ତାଲିକାରେ ରାୟଗଡ଼ା ଜିଲାର ସମସ୍ତ ୩ ବିଧାନସଭା ଆସନ ପାଇଁ ଏଆଇସିସି ତରଫରୁ ତାଲିକା ପ୍ରକାଶ ପାଇଛି। ରାୟଗଡ଼ା ଜିଲା ବିଷମକଟକ ଆସନ ପାଇଁ ୨ଜଣ ଆଶାୟୀ ଥିଲେ ମଧ୍ୟ ପୁଣି ଥରେ ନୀଳମାଧବ ହିକକାଙ୍କୁ ରିପିଟ୍ କରିଛି ଦଳ । ପୂର୍ବତନ ବିଧାୟକ ଡମ୍ବରୁଧର ଉଲାକାଙ୍କ ପୁଅ ନୀଳମାଧବ ଉଲାକା ମଧ୍ୟ ଟିକେଟ୍ ଦୌଡ଼ରେ ଥିଲେ । ହେଲେ ଦଳ ଏହି ଦୁଇ ନେତାଙ୍କ ମଧ୍ୟରୁ ଜଣଙ୍କୁ ମ୍ୟାନେଜ କରି ନୀଳମାଧବ ହିକ୍କାଙ୍କ ନାମ ଘୋଷଣା କରିଛି । ତେବେ ଗତ ସାଧାରଣ ନିର୍ବାଚନରେ ବିଷମକଟକ ନିର୍ବାଚନ ମଣ୍ଡଳୀରେ ନୀଳମାଧବ ହିକ୍କା କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାବେ ବିଜେଡିର ଜଗନ୍ନାଥ ସାରକାଙ୍କୁ କଡା ଟକ୍କର ଦେଇଥିଲେ । ଗତ ସାଧାରଣ ନିର୍ବାଚନରେ ତାଙ୍କ ପ୍ରଦର୍ଶନ ଓ ସାଙ୍ଗଠନିକ ଦକ୍ଷତା ଏବଂ ଲୋକପ୍ରିୟତାକୁ ଦୃଷ୍ଟିରେ ରଖି କଂଗ୍ରେସ ଏଥର ନୀଳମାଧବ ହିକ୍କାଙ୍କୁ ରିପିଟ କରିଛି। ସେହିପରି ନିକଟରେ ବିଜେଡି ପକ୍ଷରୁ ବିଷମ କଟକ ଆସନ ପାଇଁ ଅନୁସୂଚିତ ଜାତି ଓ ଜନଜାତି ସଂଖ୍ୟାଲଘୁ ସମ୍ପ୍ରଦାୟ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନାମ ଘୋଷଣା ହୋଇଛି।

ଅନ୍ୟପକ୍ଷରେ ଭାଜପା ପକ୍ଷରୁ ରାୟଗଡ଼ା ଜିଲାର ୩ ବିଧାନସଭା ଆସନ ମଧ୍ୟରୁ ଗୁଣପୁର ପାଇଁ ତ୍ରିନାଥ ଗମାଙ୍ଗଙ୍କ ନାମ ଘୋଷଣା ହୋଇଛି। ହେଲେ ବିଷମକଟକ ଓ ରାୟଗଡ଼ା ଆସନକୁ ନେଇ ଦଳର ଅଙ୍କକଷା ଛିଡ଼ି ନ ଥିବାରୁ ଏହି ୨ ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇନାହିଁ । ବିଷମକଟକ ଆସନ ପାଇଁ ୪ଜଣ ଆଶାୟୀ ଜଗନ୍ନାଥ ନୁଣ୍ଡୁକା, କୋଲନରା ବ୍ଲକ୍ ଉପାଧ୍ୟକ୍ଷ ହଳଧର ହିମିରିକା, ଅଙ୍ଗଦ କୁଦ୍ରୁକା ଏବଂ ଗୌତମ ଉଲାକାଙ୍କ ନାମ ରହିଥିବା ଚର୍ଚ୍ଚା ହେଉଛି। ତେବେ ନିକଟରେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିବା ଜଗନ୍ନାଥ ନୁଣ୍ଡୁକା ପ୍ରମୁଖ ଦାବିଦାର ଥିବା କୁହାଯାଉଛି। ତେଣୁ ଦଳ କାହାକୁ ପ୍ରାର୍ଥୀ ଦେବ ସେ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି ରାଜ୍ୟ ନେତୃତ୍ୱ। ଯଦି ଭାଜପା ଜଗନ୍ନାଥ ନୁଣ୍ଡୁକାଙ୍କୁ ପ୍ରାର୍ଥୀ କରେ, ତେବେ ବିଜେଡିର ଜଗନ୍ନାଥ ସାରକାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି। ସେପଟେ ବିଏସ୍‌ପିର ଯୁବ ନେତା ଜିତୁ ଜାକାସିକା କୋରାପୁଟ ଲୋକ ସଭ କିମ୍ବା ବିଷମ କଟକର ବିଧାନ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ତେଣୁ ଆଗାମୀ ଦିନରେ ବିଷମ କଟକ ବିଧାନସଭା ଆସନରେ ଚତୁର୍ମୁଖୀ ଲଢେଇ ହେବା ନେଇ ଆଶଙ୍କା କରାଯାଉଛି ।



# ଗୁଡାରି ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ଗୁଡାରି,୩।୪ (ପ୍ରମୋଦ କୁମାର ପତି )

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବୁଧବାର ସନ୍ଧ୍ୟାରେ ରାୟଗଡ଼ା ଜିଲା ଗୁଡାରି ପୋଲିସ ପକ୍ଷରୁ ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ବାହିନୀ, ହୋମ ଗାର୍ଡ ବାହିନୀ ଓ ଆଇଆରବି ବାହିନୀ ଏହି ଫ୍ଲାଗ୍ ମାର୍ଚ୍ଚରେ ସାମିଲ ଥିଲେ। ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ସହରରେ ପାଟ୍ରୋଲିଂ କଡାକଡ଼ି କରାଯିବା ସହ ଆଣ୍ଟି ସୋସିଆଲ ଗତିବିଧି ଉପରେ ଦୃଷ୍ଟି ରଖିବା ସହ ଗାଡି ଚେକିଂ ଏବଂ ବିଭିନ୍ନ ପ୍ରକାର ଧରପଗଡ଼ ନିୟମିତ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଖିଲାମୁଣ୍ଡା ଠାକୁରାଣୀ ମନ୍ଦିରରେ ପୂଜା କଲେ ଭାଜପା ପ୍ରାର୍ଥୀ ତ୍ରିନାଥ

ପଦ୍ମପୁର, ୩।୪ (ପ୍ରଶାନ୍ତ କୁମାର କର)

ଭାଜପା ପକ୍ଷରୁ ରାୟଗଡ଼ା ଜିଲା ଗୁଣପୁର ନିର୍ବାଚନ ମଣ୍ଡଳୀରୁ ତ୍ରିନାଥ ଗମାଙ୍ଗଙ୍କ ନାମ ଘୋଷଣା ହୋଇଛି। ତ୍ରିନାଥ ଟିକେଟ୍ ପାଇବା ପରେ ବୁଧବାର ସନ୍ଧ୍ୟାରେ ପଦ୍ମପୁର ସୁନାରି ଘାଇ ଛକ ନିକଟରେ ତାଙ୍କ ସମର୍ଥକମାନେ ବାଜା ଓ ବାଣ ଫୁଟାଇ ତ୍ରିନାଥଙ୍କୁ ସ୍ୱାଗତ କରିଥିଲେ। ପରେ ପଦ୍ମପୁର ଖିଲାମଣ୍ଡା ଠାକୁରାଣୀଙ୍କ ନିକଟରେ ତ୍ରିନାଥ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ। ଏଥିସହ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ।

ସୂଚନାଯୋଗ୍ୟ, ଭାଜପା ଟିକେଟ ପାଇଥିବା ତ୍ରିନାଥ ଗମାଙ୍ଗ ୨୦୧୪ରେ ବିଜେଡିରୁ ଟିକେଟ ପାଇ ବିଜୟୀ ହୋଇଥିଲେ। ୨୦୧୯ରେ ବିଜେଡ଼ି ତ୍ରିନାଥଙ୍କୁ ଟିକେଟ ନ ଦେବା ରୁ ସେ ବିଦ୍ରୋହୀ ପ୍ରାର୍ଥୀ ଭାବେ ଲଢି ପରାଜିତ ହୋଇଥିଲେ। ସ୍ୱାଧୀନ ପ୍ରାର୍ଥୀ ଭାବରେ ତ୍ରିନାଥ ଗମାଙ୍ଗ ୨୬୩୨୧ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ରଘୁନାଥ ଗମାଙ୍ଗ ବିଜେଡ଼ିରୁ ୪୮ ହଜାର ୮୩୯ ଭୋଟ ପାଇ ବିଜୟୀ ହୋଇଥିଲେ।


ଖିଲାମଣ୍ଡା ଠାକୁରାଣୀଙ୍କ ନିକଟରେ ଭାଜପା ବିଧାୟକ ପ୍ରାର୍ଥୀ ତ୍ରିନାଥ କର୍ମୀଙ୍କ ସହ ପୂଜାର୍ଚ୍ଚନା କରୁଛନ୍ତି।

# ୨ ପୁରୁଖାଙ୍କ ଉପରେ ଭାରିପଡ଼ିବେ କି ନବାଗତ ସତ୍ୟଜିତ

**ଗୁଣପୁର ନିର୍ବାଚନମଣ୍ଡଳୀ**

ଗୁଣପୁର,୩।୪ (ପ୍ରଦୀପ କୁମାର ପାଢୀ)


ରଘୁନାଥ ଗମାଙ୍ଗ


ସତ୍ୟଜିତ ଗମାଙ୍ଗ


ତ୍ରିନାଥ ଗମାଙ୍ଗ

ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ୩ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇସାରିଛି। ବିଜେଡି ପକ୍ଷରୁ ରଘୁନାଥ ଗମାଙ୍ଗ, କଂଗ୍ରେସର ସତ୍ୟଜିତ ଗମାଙ୍ଗ ଏବଂ ଭାଜପାର ତ୍ରିନାଥ ଗମାଙ୍ଗ ପ୍ରାର୍ଥୀ ହୋଇଛନ୍ତି। ବିଜେଡିରୁ ରଘୁନାଥ ଏବଂ ତ୍ରିନାଥ ଗୋଟିଏ ଥର ଲେଖାଏ ବିଧାୟକ ହୋଇଛନ୍ତି। ବିଜେଡି ପୁଣି ଥରେ ରଘୁନାଥଙ୍କୁ ରିପିଟ୍ କରିଥିବାବେଳେ ତ୍ରିନାଥ ଗମାଙ୍ଗ ବିଜେଡି ଛାଡି ଭାଜପାର ପ୍ରାର୍ଥୀ ହୋଇଛନ୍ତି। ୨୦୧୯ ନିର୍ବାଚନରେ ତ୍ରିନାଥ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ହାରିଛନ୍ତି। ଏପରି କି ଉଭୟ ରାଜନୀତିର ପୁରୁଖା ନେତା ହୋଇଥିବାବେଳେ ପ୍ରଥମ ଥର କରି ସତ୍ୟଜିତ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ଏପରି ୩ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ରହିଥିବାବେଳେ ଭୋଟର କାହା ଉପରେଆସ୍ଥା ପ୍ରକଟ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ବର୍ତ୍ତମାନ ନବାଗତ ସତ୍ୟଜିତ ନିଜ ଦଳର ପକେଟ ଭୋଟ ସହ ଶିବ ଗୌଡଙ୍କ ସମର୍ଥନରେ ନିର୍ବାଚନ ବୈତରଣୀ ପାର ହେବା ନେଇ ଆଶା ବାନ୍ଧିଛନ୍ତି। ଅନ୍ୟପଟେ ବିଜେଡି ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣ ଯୋଜନା, ବିଧାୟକଙ୍କ ଲୋକ ସମ୍ପର୍କକୁ ଆଧାର କରି ଭୋଟ ଜିତିବା ଲକ୍ଷ୍ୟ ରଖିଛି। ସେପଟେ ଭାଜପା ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତା ଏବଂ ଜନ କଲ୍ୟାଣ ଯୋଜନାକୁ ଆଧାର କରି ଜିତିବା ପାଇଁ ମନ ବଳାଇଛନ୍ତି। ଏପରି ରାଜନୈତିକ ଚିତ୍ରପଟ ମଧ୍ୟରେ ସତ୍ୟଜିତ ପୁରୁଖାଙ୍କ ଉପରେ ଭାରି ପଡିବେ କି ବୋଲି ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

୨୦୧୯ ନିର୍ବାଚନରେ ବିଜେଡିର ରଘୁନାଥ ଗମାଙ୍ଗ ୪୮,୮୩୯ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ ୪୨,୫୬୯ ଏବଂ ଭାପାର ଶିଶିର ଗମାଙ୍ଗ ୧୬,୪୯୧ ଖଣ୍ଡ ଭୋଟ ପାଇଥିଲେ । ବିଜେଡିରୁ ଟିକେଟ ନ ମିଳିବା ପରେ ସେହି ସମୟରେ ତ୍ରିନାଥ ଗମାଙ୍ଗ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ୨୬,୩୨୧ ଖଣ୍ଡ ଭୋଟ ପାଇଥିଲେ। ବର୍ତ୍ତମାନ ତ୍ରିନାଥ ଭାଜପାର ପ୍ରାର୍ଥୀ ହୋଇଛନ୍ତି। ପୁରୁଷୋତ୍ତମଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ପରେ କଂଗ୍ରେସ ଯୁବ ଚେହେରା ନବାଗତ ସତ୍ୟଜିତଙ୍କୁ ପ୍ରାର୍ଥୀ କରିଛି। ତ୍ରିନାଥଙ୍କ ସିଂହ ଭାଗ ଭୋଟରେ ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡଙ୍କ ପ୍ରମୁଖ ଭୂମିକା ସହ ରଣକୌଶଳ ରହିଥିଲା ବୋଲି କୁହାଯାଉଛି। ଉଭୟଙ୍କ ଯୋଡି ୩ ପ୍ରମୁଖ ଦଳକୁ କଡା ଟକ୍କର ଦେଇଥିଲେଏବଂ ତ୍ରିନାଥ ତୃତୀୟ ସ୍ଥାନରେ ରହିଥିଲେ। ହେଲେ ଏବେ କିନ୍ତୁ ରାଜନୀତି ପାଣିପାଗ ବଦଳିଛି। ତ୍ରିନାଥ ଏବଂ ଶିବ ଗୌଡ ବିରୋଧୀ ହୋଇଛନ୍ତି। ଶିବ ଗୌଡ ବର୍ତ୍ତମାନ ସତ୍ୟଜିତଙ୍କୁ ସମର୍ଥନ କରୁଛନ୍ତି ଏବଂ ତାଙ୍କର ବିଜୟ ପାଇଁ ରଣନୀତି ଆରମ୍ଭ କରିଥିବା ଜଣାପଡିଛି। ଶିବ ଏବଂ ସତ୍ୟଙ୍କ ଯୋଡି ଯଦି ନିର୍ବାଚନରେ ସଫଳ ହୁଏ, ତେବେ ବିଜେଡି ଓ ଭାଜପା ପାଇଁ ମହାଙ୍ଗା ସାବ୍ୟସ୍ତ ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଏପରି ସ୍ଥିତିରେ ଉଭୟ ଭାଜପା ଏବଂ ବିଜେଡି କ'ଣ ରଣନତି ଆପଣାଉଛନ୍ତି ତାହା ଉପରେସମସ୍ତଙ୍କ ନଜର ରହିଛି। ୨୦୦୦ରେ ମେଣ୍ଟରେ ରାମମୂର୍ତ୍ତି ଗମାଙ୍ଗ ଭାଜପାର ବିଧାୟକ ହୋଇଥିଲେ। ୨୦୦୪ରେ ମେଣ୍ଟର ପ୍ରାର୍ଥୀ ରାମମୂର୍ତ୍ତି ହୋଇଥିଲେ ମଧ୍ୟ ବିଜେଡିର ଅଶ୍ୱିନି ଗମାଙ୍ଗ ସ୍ୱାଧୀନ ଭାବେ ଲଢିଥିଲେ। ଯାହାର ଫାଇଦା କଂଗ୍ରେସର ଉଠାଇଥିଲା ଏବଂ ହେମା ଗମାଙ୍ଗ ବିଧାୟିକା ହୋଇଥିଲେ। ୨୦୦୯ରେ ମେଣ୍ଟ ଭାଙ୍ଗିବା ପରଠୁ ଭାଜପା ଏବଂ ବିଜେଡି ଅଲଗା ଅଲଗା ଲଢିବା ସହ କ୍ରମାଗତ ଭାବେ ବିଜେଡି ବିଜୟ ଲାଭ କରି ଆସୁଛି। ୨୦୧୪ ନିର୍ବାଚନରେ ୭୩୮୬ ଏବଂ ୨୦୧୯ରେ ୬୨୭୦ ଭୋଟରେ ବିଜେଡିଠାରୁ କଂଗ୍ରସ ହାରିଛି। କମ୍ ବ୍ୟବଧାନରେ ୨ଥର କଂଗ୍ରେସ ପରାସ୍ତ ହୋଇଥିବା ବେଳେ ଏହାକୁ କିପରି ମାତ୍ ଦିଆଯିବ ସେ ନେଇ ଶିବ ଗୌଡ ରଣନୀତି ଆରମ୍ଭ କରିଥିବା ଜଣାଯାଏ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୨ ଗିରଫ



ପାପଡ଼ାହାଣ୍ଡି,୩।୪(ସ୍ୱପ୍ନଜିତ ପଟ୍ଟନାୟକ) ନବରଙ୍ଗପୁର ଜିଲା ଡୁମ୍ବର୍ଲାଠାରେ ବୁଧବାର ଅବକାରୀ ପୋଲିସ ଚଢ଼ାଉ କରି ୨୭ ଲିଟର ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ହରିହର ହରିଜନ ଓ ପୁରୁଷୋତ୍ତମ ହରିଜନ। ଜିଲାପାଳ ଡ. କମଳଲୋଚନ ମିଶ୍ର ଓ ଜିଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶରେ ଚଢ଼ାଉ କରାଯାଇଥିଲା। ନବରଙ୍ଗପୁର ଇନ୍ସପେକ୍ଟର ଦିଲୀପ ରଥ, ଓଆଇସି ଦେଶରାଜ ସୁନା ଏବଂ ଅବକାରୀ କର୍ମଚାରୀ ଏଏସ୍‌ଆଇ ସନୁ ସେଠିଆ, ଗୋତୁଲ ନାୟକ, ଉତ୍ତମ ମହାକୁଡ଼ ଓ କାଳିମଣି ମୁଦୁଲି ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ପୋଖରୀରେ ବୁଡ଼ି ନାବାଳିକା ମୃତ

ନନ୍ଦାହାଣ୍ଡି,୩।୪ (ପ୍ରତୀପ କୁମାର ଦାଶ) ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ମେଣ୍ଟ୍ରି ପଞ୍ଚାୟତ ଅଧୀପ ବାଦିଗୁଡ଼ା ଗ୍ରାମରେ ଜଣେ ନାବାଳିକାଙ୍କ ପାଣିରେ ବୁଡି ମୃତ୍ୟୁ ହୋଇଛି। ମୃତକ ହେଲେ ଦଶରଥ ଜାନୀଙ୍କ ଝିଅ ମିକି (୯)।

ସୂଚନାନୁଯାୟୀ, ବୁଧବାର ଅପରାହ୍ନ ୧ଟାରେ ମିକି ତାଙ୍କର କେତେଜଣ ସାଙ୍ଗଙ୍କ ସହ ଗ୍ରାମର ମୁଦୁଲିମୁଣ୍ଡା ବନ୍ଧ ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତା ଯୋଗୁ ମିକି ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ସେ କିନ୍ତୁ ଆଉ ଫେରି ପାରି ନ ଥିଲେ। ଏ ନେଇ ସାଙ୍ଗରେ ଯାଇଥିବା ପିଲାମାନେ ମିକିଙ୍କ ଘରେ ଖବର ଦେବାପରେ ତାଙ୍କ ଦାଦା ଭୁବନ ଜାନୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ସେ ମିକିଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତେନ୍ତୁଳିଖୁଣ୍ଟି ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ଥିଲା। ପୋଲିସ କେସ୍ ନଂ ୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୩।୪(ପବନ ପାଣିଗ୍ରାହୀ) ଜଣେ ଫେରାର ଅଭିଯୁକ୍ତଙ୍କୁ ଜୟପୁର ଟାଉନଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ କଣ୍ଡାପୁଟ ଗ୍ରାମର ଜଗନ୍ନାଥ ଜାନି ଜଗନ୍ନାଥଙ୍କ ନାମରେ ଅପରାଧିକ ମାମଲା ରହିଥିଲା। ମାମଲା ପରଠାରୁ ଫେରାର ଥିଲେ। ଏବେ ସେ ଗ୍ରାମରେ ଥିବା ସୂଚନା ପାଇ ପୋଲିସ ତାଙ୍କୁ ଚଢାଉ କରି ଗିରଫ କରିଥିବା ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ କହିଛନ୍ତି।

# ଅଣ୍ଡରପାସ୍ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

ପାପଡ଼ାହାଣ୍ଡି,୩।୪(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦେଇ ଯାଇଥିବା ଭାରତମାଳା ରାସ୍ତାର ଡେଙ୍ଗାଗୁଡ଼ା ପଞ୍ଚାୟତ ଖର୍କିଠାରେ ଅଣ୍ଡର ପାସ୍ ରାସ୍ତା ଦାବିରେ ଗ୍ରାମବାସୀ ବୁଧବାର ରାସ୍ତାରୋକୋ ସହ କାମ ବନ୍ଦ କରାଇଥିଲେ। ଯେ ପର୍ଯ୍ୟନ୍ତ ଅଣ୍ଡର ପାସ୍ ରାସ୍ତା ନିର୍ମାଣ ହୋଇ ନାହିଁ ସେ ପର୍ଯ୍ୟନ୍ତ ରାସ୍ତାରୋକୋ ସହ କାମ ବନ୍ଦ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଖବରପାଇ ପାପଡ଼ାହାଣ୍ଡି ତହସିଲଦାର ତପନ ନାୟକ ଲୋକଙ୍କୁ ବୁଝାଶୁଝା କରିବା ସହ ଗୁରୁବାର ଗ୍ରାମବାସୀ ଓ ଏନ୍‌ଏଚ୍‌ଆଇ କର୍ମଚାରୀଙ୍କ ସହ ମିଳିତ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକେ ରାସ୍ତାରୁ ହଟିଥିଲେ।

ଖର୍କି ଦେଇ ଯାଇଥିବା ଭାରତମାଳା ରାସ୍ତାରେ ଅଣ୍ଡର ପାସ ରାସ୍ତା ନାହିଁ। ଅଗାମୀ ଦିନରେ ରାସ୍ତା ହେଲେ ଲୋକ ଉକ୍ତ ରାସ୍ତାପାର ହୋଇ ମାଣ୍ଡାଡଙ୍ଗରି ଜଙ୍ଗଲକୁ ଯାଇପାରିବେ ନାହିଁ। ମାଣ୍ଡାଡଙ୍ଗରି ଜଙ୍ଗଲରେ ସେମାନଙ୍କ ଚାଷ ଜମି, ଜଙ୍ଗଲ, ଚାରଣ ଭୂମି ଓ ମନ୍ଦିର ଆଦି ରହିଛି। ଲୋକେ ମାଣ୍ଡାଡଙ୍ଗରି ଜଙ୍ଗଲ ଉପରେ ବହୁଳଭାବେ ନିର୍ଭର କରନ୍ତି। ପୂର୍ବରୁ ଜୁନ୍ ୧୧ରେ ଗ୍ରାମବାସୀଙ୍କ ପକ୍ଷରୁ ଅଣ୍ଡର ପାସ ରାସ୍ତା ଦାବିରେ ରାସ୍ତାରୋକୋ କରାଯାଇଥିଲା। ଜିଲାପାଳ, ତତ୍କାଳୀନ ତହସିଲଦାରଙ୍କୁ ଏ ନେଇ ଅବଗତ ମଧ୍ୟ କରାଇଥିଲେ। ଲୋକଙ୍କୁ ଅଣ୍ଡର ପାସ ରାସ୍ତା ନିର୍ମାଣର ପ୍ରତିଶ୍ରୁତି ମିଳିବା ପରେ ଲୋକେ ରାସ୍ତାରୋକୋରୁ ହଟିଥିଲେ। ତେବେ ଇତି ମଧ୍ୟରେ ଖର୍କି ନିକଟରେ ପିଚୁ ଢଳେଇ କାମ ସାରିଥିବାବେଳେ ଅଣ୍ଡର ପାସ ରାସ୍ତା ନିର୍ମାଣ ନ ହେବାରୁ ଗ୍ରାମବାସୀ ବୁଧବାର ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଥିଲେ। ଗ୍ରାମଠାରୁ କିଛି ଦୂରରେ ଏକ ଅଣ୍ଡର ପାସ ରାସ୍ତା ହୋଇଛି ବୋଲି ତହସିଲଦାର ତପନ ନାୟକ ସୂଚନା ଦେଇଛନ୍ତି। ତେବେ ଉକ୍ତ ଅଣ୍ଡର ପାସ ରାସ୍ତା ଗାଁଠାରୁ ଦୂର ସହ ବର୍ଷା ଦିନରେ ପାଣି ଜମି ରହିବ ବୋଲି ଗ୍ରାମବାସୀ କହିଛନ୍ତି। ରାସ୍ତାରୋକୋ ଖବର ପାଇ ପାପଡ଼ାହାଣ୍ଡି ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହି ସମୟରେ ସରପଞ୍ଚ ସୁମିତ୍ରା ମାଝିଙ୍କ ସହ ଭାରତମାଳା କମ୍ପାନୀର କର୍ମଚାରୀ ଉପସ୍ଥିତ ଥିଲେ। ଗୁରୁବାର ଏନ୍‌ଏଚ୍‌ଏଆଇ କର୍ମଚାରୀ, ଗ୍ରାମବାସୀ ଓ ତହସିଲଦାରଙ୍କ ଉପସ୍ଥିତିରେ ବୈଠକ ହୋଇ ନିଷ୍ପତ୍ତି ନିଆଯିବ ବୋଲି ତହସିଲଦାର କହିଛନ୍ତି।



ଗ୍ରାମବାସୀ ରାସ୍ତାରୋକୋ କରି ପ୍ରତିବାଦ ଜଣାଉଛନ୍ତି।

# ଯାଦବ ମାଝିଙ୍କ ଶ୍ରାଦ୍ଧଦିବସ

ଉମରକୋଟ, ୩।୪(ସନ୍ତୋଷ ଶତପଥୀ)

ଯାଦବ ମାଝି ସାମାଜିକ ଓ ସାଂସ୍କୃତିକ ବିକାଶ ପରିଷଦ ଆନୁକୂଲ୍ୟରେ ଓଡ଼ିଶାର ପୂର୍ବତନ ଶିଳ୍ପମନ୍ତ୍ରୀ ସ୍ୱର୍ଗତ ଯାଦବ ମାଝିଙ୍କ ୨୫ତମ ଶ୍ରାଦ୍ଧ ଦିବସ ଉମରକୋଟ ବ୍ଲକ ଅଧୀନ ଖୁଟୁଗୁଡା ଗ୍ରାମରେ ବୁଧବାର ପାଳିତ ହୋଇଛି। ସ୍ୱର୍ଗତ ମାଝି ଅବିଭକ୍ତ କୋରାପୁଟ ଅଞ୍ଚଳର ସାମାଜିକ ଓ ସଂସ୍କୃତି ବିକାଶ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ବୋଲି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ କହିଥିଲେ। ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଯାଦବ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏଥିସହ ସ୍ୱର୍ଗତ ମାଝିଙ୍କ ଜୀବନୀ ବିଷୟରେ ଉଦବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ତିଳୋତ୍ତମା ଭତ୍ରା, ପରିଷଦ ଜିଲା ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ଉପଦେଷ୍ଟା ତଥା ସରକାରୀ ଓକିଲ ସୁଧାଂଶୁ ସାଧୁ, ସଭ୍ୟ ଗିରିଧର ଭତ୍ରା, ଟଙ୍କଧର ଗୌଡ଼, ଅକ୍ଷୟ ବିଶୋୟୀ, ଜଗ ଭତ୍ରା, ରମେଶ ସତନାମୀ, ସଞ୍ଜୟ ଗୁପ୍ତା, ଲାଛୁ ଭତ୍ରା, ଲଛମନ ଭତ୍ରା, ଲକ୍ଷ୍ମଣ ଭତ୍ରା, ଜଳଧର ଭତ୍ରା, ବାସୁ ଗୌଡ଼, ଲମ୍ବୋଧର ମାଝିଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ସ୍ୱର୍ଗତ ଯାଦବ ମାଝିଙ୍କ ସ୍ମୃତିଚାରଣ କରିଥିଲେ। ପ୍ରକାଶ ଯେ, ଯାଦବ ମାଝି ବର୍ତ୍ତମାନର ଏମପି ରମେଶ ଚନ୍ଦ୍ର ମାଝି ଏବଂ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝିଙ୍କ ବାପା। ୧୯୯୯ ଏପ୍ରିଲ ୩ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଜିଲା ସଭାପତି ସୟଦ କାଜମ ମଦାନୀ ଏବଂ ଅନ୍ୟ ସଭ୍ୟମାନଙ୍କ ପ୍ରଚେଷ୍ଟାରେ ୨୦୧୫ରେ ଯାଦବ ମାଝି ସାମାଜିକ ଓ ସାଂସ୍କୃତିକ ବିକାଶ ପରିଷଦ ଗଠନ ହୋଇଥିଲା। ଖୁଟୁଗୁଡ଼ା ଗ୍ରାମରେ ସ୍ୱର୍ଗତ ମାଝିଙ୍କ ଏକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଛି।



ଯାଦବ ମାଝିଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ।

# ଓଡ଼ିଶା-ଛତିଶଗଡ଼ ସୀମାରେ ଯାଞ୍ଚ

ଉମରକୋଟ, ୩।୪(ସନ୍ତୋଷ ଶତପଥୀ)

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟ ନିର୍ବାଚନ କମିଶନର ଓ ନବରଙ୍ଗପୁର ଜିଲାପାଳ କମଳଲୋଚନ ମିଶ୍ରଙ୍କ ନିର୍ଦ୍ଦେଶରେ ଓଡ଼ିଶା- ଛତିଶଗଡ଼ ସୀମାନ୍ତରେ ଗାଡ଼ି ଯାଞ୍ଚ କରାଯାଉଛି। ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ଉମରକୋଟ ଅବକାରୀ ଥାନାର କର୍ମଚାରୀ ଦଣ୍ଡସରାଠାରେ ସୀମା ପାର କରୁଥିବା ସମସ୍ତ ଯାନବାହନ ଯାଞ୍ଚ କରିଥିଲେ। ଏହି ପ୍ରକ୍ରିୟା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଉମରକୋଟ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ତିଳକରାମ ନାୟକ ସୂଚନା ଦେଇଛନ୍ତି। ଏହି ଯାଞ୍ଚ ବେଳେ ଅବକାରୀ ନିରୀକ୍ଷକ ରଞ୍ଜୁଲତା ବାରିକ, ଉମରକୋଟ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ତିଳକରାମ ନାୟକ, ଏଏସ୍‌ଆଇ ମାଖନ ହାଲଦାର, ସୁବାସ ଚନ୍ଦ୍ର ଗୌଡ଼, ଦେବାଶିଷ ଦାସ, ଅନନ୍ତ ମଲିକ, ଜୋଛନା ହରିଜନ, ପ୍ରସାଦ ବଳବନ୍ତରାୟ ପ୍ରମୁଖ ଅବକାରୀ ଅଧିକାରୀ ଉପସ୍ଥିତ ଥିଲେ।



ଗାଡ଼ି ଯାଞ୍ଚ କରାଯାଉଛି।

# ବିଷପିଇ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

ଡାବୁଗାଁ, ୩।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଭବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଟିପାଗୁଡା ଗ୍ରାମରେ ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଥିବା ନେଇ ବୁଧବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଟିପାଗୁଡ଼ା ଗ୍ରାମର ରାଜମନ ଭତ୍ରା (୩୮)। ସୂଚନାନୁଯାୟୀ, ରାଜମନ ବୁଧବାର ଭୋରରୁ ବାନ୍ତି କରିଥିଲେ। ସ୍ତ୍ରୀ ପଚାରିବାରୁ ବିଷ ପିଇ ଦେଇଛି ବୋଲି ସେ କହିଥିଲେ। ବିଷ ପିଇଥିବା କଥା ଜାଣି ପରିବାର ଲୋକେ ତାଙ୍କୁ ସଙ୍ଗେସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାଜମନଙ୍କ ମୃତ୍ୟୁ ଘଟିଥିଲା। ଏନେଇ ମୃତକଙ୍କ ସାନବାପା ନୀଳମ ଭତ୍ରା ମଧ୍ୟାହ୍ନରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସ୍‌ଆଇ ଗୋପାଳକୃଷ୍ଣ ହାଲୱା ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୧୫/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ବାଲିମେଳା ପାୱାର ପ୍ରୋଜେକ୍ଟ ଏମ୍ପ୍ଲୟିଜ୍ ୟୁନିୟନ କର୍ମକର୍ତ୍ତା ଚୟନ

ବାଲିମେଳା,୩।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ର କର୍ମଚାରୀମାନଙ୍କୁ ନେଇ ଗଠିତ ବାଲିମେଳା ପାୱାର ପ୍ରୋଜେଟ ଏମ୍ପ୍ଲଇଜ୍ ୟୁନିୟନ ନିର୍ବାଚନ ଶେଷ ହୋଇଛି। ସଭାପତି ଭାବେ ପ୍ରବୀର ଦାସ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ଦାସ, ଉପ ସଭାପତି ଜଗମୋହନ ବିଶ୍ୱାଳ ଏବଂ ରବି ନାରାୟଣ ଡାଏନି, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ଭାବେ କେ. ମୋହନ ରାଓ ଓ ଶିବ ପ୍ରସାଦ ଲେଙ୍କା, ସହ ସମ୍ପାଦକ ସନ୍ତୋଷ କୁମାର ଦଳେଇ, କୋଷାଧ୍ୟକ୍ଷ ଭାବେ ନେହେରୁ ସାହୁ ନିର୍ବାଚିତ ହୋଇଥିଲେ। ଏହି ପ୍ରକ୍ରିୟାକୁ ନିର୍ବାଚନ ଅଧିକାରୀ ଭାବେ ଗୋଲକ ବିହାରୀ ସାହୁ ଏବଂ ସୌରା ପଣ୍ଡା ପରିଚାଳିତ କରିଥିଲେ। ନୂତନ ଭାବେ ସଭାପତି ଭାର ଦାୟିତ୍ୱ ଗ୍ରହଣ କରିଥିବା ଦାସ ଆଗାମୀ ଦିନରେ ନିଜର କର୍ମଚାରୀଙ୍କର ଥିବା ବିଭିନ୍ନ ମୌଳିକ ସମସ୍ୟା ଗୁଡିକ ପ୍ରାଧାନ୍ୟ ଦେବା ସହ ସେମାନଙ୍କର ହକ ପାଇଁ ସେ ସବୁବେଳେ ଲଢ଼ିବେ ବୋଲି କହିଛନ୍ତି।



ପାୱାର ପ୍ରୋଜେକ୍ଟ ଏମ୍ପ୍ଲୟିଜ୍ ୟୁନିୟନର ନୂତନ କର୍ମକର୍ତ୍ତା।

# ସମଗ୍ର ଶିକ୍ଷା ଅଭିଯାନ ବରିଷ୍ଠ ବୈଷୟିକ ଅଧିକାରୀଙ୍କୁ କୈଫିୟତ

ନବରଙ୍ଗପୁର,୩।୪ (ସଦାଶିବ ପ୍ରହରାଜ)

- ନିର୍ବାଚନ ଆଚରଣ ବିଧି ସମୟରେ ଟେଣ୍ଡର ଆହ୍ୱାନ ଘଟଣା
- ୩ ଦିନ ମଧ୍ୟରେ ଉତ୍ତର ନ ଦେଲେ କାର୍ଯ୍ୟାନୁଷ୍ଠାନ

ନିର୍ବାଚନ ଆଚରଣ ବିଧି ସମୟରେ ଟେଣ୍ଡର ଆହ୍ୱାନ ଅଭିଯୋଗରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟର ବରିଷ୍ଠ ବୈଷୟିକ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୩ଦିନ ମଧ୍ୟରେ ଉତ୍ତର ଦେବାକୁ ଜଣାଇଛନ୍ତି।

ସୂଚନାନୁଯାୟୀ, ମାର୍ଚ୍ଚ ୧୬ରୁ ନିର୍ବାଚନ ଆଚରଣ ବିଧି ଲାଗୁ କରାଯାଇଛି। ଶିକ୍ଷା ବିଭାଗ ଅଧୀନରେ ଥିବା ଜିଲାର କିଛି ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡେର ଆହ୍ୱାନ ପାଇଁ ବୈଷୟିକ ଅଧିକାରୀ ବିଚିତ୍ରା ନନ୍ଦ ପାଣିଗ୍ରାହୀ ୯୪ଟି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କରାଯିବ ବୋଲି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ କରାଇଲେ। ୧୬ ତାରିଖରେ ବିଜ୍ଞପ୍ତି ଜାରିକଲେ। ୧୯ ତାରିଖରେ ଇ-ଟେଣ୍ଡର ନୋଟିସ ଜାରି ହେଲା। ଏ ନେଇ ସାମାଜିକ କର୍ମୀ ବିଭୁତି ପ୍ରସାଦ ପଣ୍ଡା ଜିଲାପାଳ, ରାଜ୍ୟ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଜିଲାପାଳ ଟେଣ୍ଡରକୁ ବାତିଲ କରିଥିଲେ। ଆଦର୍ଶ ନିର୍ବାଚନ ଆଚରଣ ବିଧି ବଳବତ୍ତର ରହିଥିବା ବେଳେ ଜ୍ଞାତସାରରେ ଏହାକୁ ଉଲ୍ଲଂଘନ କରାଯାଇ ଟେଣ୍ଡେର ଆହ୍ୱାନ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଆଦର୍ଶ ନିର୍ବାଚନ ଆଚରଣ ବିଧି ବଳବତ୍ତର ରହିଥିବାବେଳେ ଏହା ଜାଣିଶୁଣି କିଭଳି ଉଲ୍ଲଂଘନ କଲେ ଏ ନେଇ ୩ ଦିନ ମଧ୍ୟରେ ଜବାବ ଦେବା ପାଇଁ ବୈୟଷିକ ଅଧିକାରୀ ପାଣିଗ୍ରାହୀଙ୍କୁ ଆଦେଶ ଦେଇଛନ୍ତି। ଏଥିରେ ଖିଲାପ ହେଲେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠି ନମ୍ବର ୧୫/୨୪ ରେ ସିଡିଓ ନିର୍ଦ୍ଦେଶ ଦେଇଛନ୍ତି। ଠିକାଦାର କିଣିଥିବା ଟେଣ୍ଡେର ପେପର କଷ୍ଟ ଏବଂ ଇଏମ୍‌ଡି ତୁରନ୍ତ ପାଇବେକି ନାହିଁ ତାହା ସନ୍ଦେହରେ ରହିଛି। ନିର୍ବାଚନ ଆଚରଣ ବିଧି ସମୟରେ ଟେଣ୍ଡେର ଆହ୍ୱାନ ସହ ତାହାକୁ ଅଧିକାରୀ ବାତିଲ କରି ନ ଥିଲେ। ଏ ନେଇ ଅଭିଯୋଗ ହେବା ପରେ ଟେଣ୍ଡେର ବାତିଲ ହେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# କଂଗ୍ରେସର ମିଶ୍ରଣ ପର୍ବ

ପାପଡ଼ାହାଣ୍ଡି, ୩।୪ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଖୁଟବାଇ ପଞ୍ଚାୟତ ବୋରିପଦରରେ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ତଥା ଏମ୍‌ପି ପ୍ରାର୍ଥୀ ଭୁଜବଳ ମାଝି, ମିଡିଆ ସେଲ ସଭାପତି ଭି. ବିକାଶ ରାଓ, ବରିଷ୍ଠ କଂଗ୍ରେସ ନେତା ଈଶ୍ୱର ମିର୍ଗାନ, ଭାସ୍କର ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେରେ ବିଜେଡି ଓ ଭାଜପାରୁ ୫୦ରୁ ଊର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ କର୍ମୀଙ୍କୁ ସ୍ୱାଗତ କରାଯାଇଛି। ଅଞ୍ଚଳରେ ଦଳକୁ ମଜଭୁତ କରିବା ସହ ଖୁଟବାଇ ପଞ୍ଚାୟତରେ ସର୍ବାଧିକ ଭୋଟ ଦେଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବାକୁ ସମସ୍ତେ ସଂକଳ୍ପ ନେଇଥିଲେ।

# ଗାଁକୁ ଗାଁ ବୁଲି ପ୍ରଚାର



ଡାବୁଗାଁ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ କର୍ମୀମାନଙ୍କ ସହ ବୁଲି ପ୍ରଚାର କରୁଛନ୍ତି।

ଡାବୁଗାଁ, ୩।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

### ବିଜେଡିର ମୋଟରସାଇକଲ ଶୋଭାଯାତ୍ରା

ନବରଙ୍ଗପୁର ଜିଲା ଡାବୁଗାଁ ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀ ମନୋହର ରନ୍ଧାରୀ ବୁଧବାର ଡାବୁଗାଁରେ ପ୍ରଚାର କରିଛନ୍ତି। ସେ ବାଇକ୍ ଶୋଭାଯାତ୍ରାରେ ଯାଇ ପ୍ରଚାର ଆରମ୍ଭ କରିଛନ୍ତି। ତାଙ୍କ ସହ ବିଜେଡି କର୍ମୀମାନେ ମୋଟରସାଇକଲ ଯୋଗେ ଡାବୁଗାଁରୁ ବାହାରି ବଡ଼ଓଲମା, ଜବାଗୁଡ଼ା ଓ ଜୁନାପାଣି ପଞ୍ଚାୟତର ଗାଁ ଗାଁ ବୁଲି ପ୍ରଚାର କରିଥିଲେ। ଶେଷରେ ଜୁନାପାଣି ସାପଧରଗୁଡା ଗ୍ରାମରେ ମୋଟର ସାଇକେଲ ରାଲି ପହଞ୍ଚିଥିଲା। ମନୋହରଙ୍କୁ ପ୍ରତ୍ୟେକ ଗ୍ରାମରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଏମ୍‌ପି ପ୍ରତିନିଧି ଏମ୍.ଆପ୍ପା ରାଓ, ଡାବୁଗାଁ ଜିଲାପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଷୋୟୀ, ପ୍ରତି ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ ଓ ବହୁତ କର୍ମୀ ସାମିଲ ଥିଲେ।

# ବିକାଶର ଗ୍ୟାରେଣ୍ଟି ଦେଇ ଭୋଟ ମାଗିଲେ

### ଭାଜପା ପ୍ରାର୍ଥୀଙ୍କ ଖବରଦାତା ସମ୍ମିଳନୀ

ନବରଙ୍ଗପୁର,୩।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀ ଗୌରୀ ଶଙ୍କର ମାଝି ଦ୍ୱିତୀୟ ଥର ପାଇଁ ଟିକଟ ପାଇଛନ୍ତି। ଏହାପରେ ସେ ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି,ସଭାପତି ଜେ.ପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ ଓ ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ନିର୍ବାଚନ ଜିତିଲେ ଜିଲାର ସର୍ବାଙ୍ଗୀନ ଉନ୍ନତି କରାଯିବ। ତେଣୁ ସମସ୍ତଙ୍କ ସେବା କରିବାର ସୁଯୋଗ ମିଳୁବୋଲି କହି ସେ ଭୋଟ ମାଗିଥିଲେ।

ରାଜ୍ୟ ସରକାର ଦୀର୍ଘ ୨୫ ବର୍ଷ ଧରି ଶାସନ କରିଥିବାବେଳେ ନବରଙ୍ଗପୁର ଜିଲା ୩୦ ନମ୍ବରରେ ହିଁ ରହିଛି ବୋଲି କହି ସେ କ୍ଷୋଭ ପ୍ରକାଶ କରିଥିଲେ। ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନା ହେବା ପରଠାରୁ ନଦୀର ତଳ ମୁଣ୍ଡରେ ପାଣି ଆସୁ ନ ଥିବାରୁ ଚାଷୀମାନେ ଚାଷ କାର୍ଯ୍ୟରୁ ବଞ୍ଚିତ ହେଉଛନ୍ତି। ୨୦୧୪ରେ ମୁଖ୍ୟମନ୍ତ୍ରୀ ଖାଡିଗୁଡ଼ାରେ ଜଳସେଚନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ହେଁ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲାନାହିଁ ବୋଲି ସେ ଅଭିଯୋଗ କରିଥିଲେ। ନିର୍ବାଚନ ଜିତିଲେ ଇନ୍ଦ୍ରାବତୀ ଡ୍ୟାମର ପାଣି ତଳମୁଣ୍ଡରେ ଜଳ ସେଚନ ପାଇଁ ପହଞ୍ଚିବ ବୋଲି ସେ ଗ୍ୟାରେଣ୍ଟି ଦେଉଥିବା କହିଥିଲେ। ଏଥିସହ ଜିଲାଭିତ୍ତିକ ନିଯୁକ୍ତି, ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ନିର୍ବାଚନ ମଣ୍ଡଳୀର ୪ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ, ୪ ସିଏଚ୍‌ସିରେ ଶବ ବ୍ୟବଚ୍ଛେଦ ଗୃହର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଜିଲାରେ ସରକାରୀ କଲେଜ, ନବରଙ୍ଗପୁର ଷ୍ଟାଡିୟମକୁ ଅତ୍ୟାଧୁନିକ କରିବା ସହିତ କ୍ରୀଡ଼ା ଛାତ୍ରାବାସ ନିର୍ମାଣ କରାଯିବ ବୋଲି ସେ କହିଥିଲେ। ଜୟପୁର-ନବରଙ୍ଗପୁର ରେଳପଥ ପାଇଁ ରାଜ୍ୟ ସରକାର ଜମି ଦେଉ ନ ଥିବାବେଳେ ନିର୍ବାଚନ ଜିତିଲେପରେ ତୁରନ୍ତ ଜମି ଅଧିଗ୍ରହଣ ପାଇଁ ପଦକ୍ଷେପ ଗ୍ରହଣ କରିବାର ଗ୍ୟାରେଣ୍ଟି ବୋଲି ସେ କହିଥିଲେ। ନବରଙ୍ଗପୁର ସହରରେ ଅତ୍ୟାଧୁନିକ ଅଡିଟୋରିୟମ ନିର୍ମାଣ, ନୂତନ ବସଷ୍ଟାଣ୍ଡ କାର୍ଯ୍ୟ ତ୍ୱରାନ୍ୱିତ ଓ ହିର୍ଲି ଡଙ୍ଗରି ପର୍ଯ୍ୟଟନ ସ୍ଥଳୀ ବିକାଶ ସହ ଫୁଲ ଝାଡୁ ଓ କଣ୍ଟା ଝାଡୁର ହବ କରାଯିବ। ଆଖୁ, ମକା ଓ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ, ଚିନି କାରଖାନା ଓ ଇଥିନଲ କାରଖାନା ପ୍ରତିଷ୍ଠା ପାଇଁ ଉଦ୍ୟମ କରାଯିବ। ସବୁ ବ୍ଲକରୁ ଭୁବନେଶ୍ୱରକୁ ବସ ଚଳଚଳ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ନଗରପାଳ କୁନୁ ନାୟକ, ମୃତ୍ୟୁଞ୍ଜୟ ଦାଶ, ନଗର ସଭାପତି ଶ୍ରୀଧର ପାତ୍ର, ଯୁବନେତା କାହ୍ନୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଭାଜପା ନେତାଙ୍କ ସହ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରାର୍ଥୀ।

